# କାଶୀପୁର ବ୍ଲକ୍ ପାଲଟିଛି ଦାଦନ ହବ୍

**ଦାଦନ ଖଟିବାକୁ ଯାଇ ତାମିଲନାଡୁରେ ଯୁବକଙ୍କ ମୃତ୍ୟୁ**

■ କମ୍ପାନୀ ଅଛି ହେଲେ, ସ୍ଥାୟୀ ନିଯୁକ୍ତି ନାହିଁ: ବିଧାୟକ

ରାୟଗଡ଼ା/ଟିକିରି,୧୫।୧(ଆଶିଷ ରଞ୍ଜନ ପଣ୍ଡା/ପ୍ରଫୁଲ୍ଲ କୁମାର ବେହେରା)

ବକ୍ସାଇଟ ଖଣି ଗନ୍ତାଘର ଭାବେ ବିଶ୍ୱ ପରିଚିତ ରାୟଗଡା ଜିଲା କାଶୀପୁର ବ୍ଲକରେ ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। କୁଚେଇପଦର ଗ୍ରାମର ଲିଙ୍ଗରାଜ ମାଝିଙ୍କ ପୁଅ ଗୁରୁନାଥ ମାଝି (୨୫) ତାମିଲନାଡୁର ଏକ ସୂତା କଳରେ କାମ କରୁଥିବାବେଳେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଛି।

ସୂଚନା ମୁତାବକ ଗୁରୁନାଥ ତାମିଲନାଡୁର ଏକ ସୂତାକଳରେ ଶ୍ରମିକ ଭାବେ କାମ କରୁଥିଲେ । କମ୍ପାନୀରେ କାମ ସାରିବା ପରେ କୌଣସି କାର୍ଯ୍ୟ ପାଇଁ ବଜାରକୁ ଯାଇଥିବା ବେଳେ ଦୁର୍ଘଟଣାର ଶିକାର ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ମୃତକଙ୍କ ମରଶରୀରକୁ ଆମ୍ବୁଲାନ୍ସ ଯୋଗେ ଗାଁକୁ ଫେରାଇ ଆଣୁଥିବା ମାନବଧିକାର କର୍ମୀ ସଦନ ମାଝି ସୂଚନା ଦେଇଛନ୍ତି । ତେବେ କାଶୀପୁର ବ୍ଲକରେ ଉତ୍କଳ ଆଲୁମିନା କମ୍ପାନୀ ଦୀର୍ଘ ବର୍ଷ ହେଲା ରହିଥିଲେ ମଧ୍ୟ ସ୍ଥାନୀୟ ଯୁବତୀଯୁବକଙ୍କୁ କୌଣସି ପ୍ରଶିକ୍ଷଣ ଠିକ୍ ଭାବେ ମିଳୁ ନାହିଁ କି ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ମିଳୁନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଭଳିକି ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ବଦଳରେ ସିଏସ୍‌ଆର୍ ପ୍ରୋଜେକ୍ଟ ମାଧ୍ୟମରେ କିଛି ମାସର କାମ ଦେଇ


ମୃତ ଗୁରୁନାଥ ମାଝି।

କମ୍ପାନୀ ସେମାନଙ୍କୁ ଚାକିରିରୁ ବାହାର କରିଦେଉଛି ବୋଲି ଅଞ୍ଚଳବାସୀ କହିଛନ୍ତି । ଏ ନେଇ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଥିସହ ଜିଲାରେ ୫ରୁ ଊର୍ଦ୍ଧ୍ୱ ବଡ଼ ଧରଣର ଶିଳ୍ପ ପ୍ରତିଷ୍ଠାନ ରହିଥିଲେ ମଧ୍ୟ ଜିଲାର ଯୁବତୀଯୁବକଙ୍କୁ ସ୍ଥାୟୀ ନିଯୁକ୍ତି ମିଳୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଏଭଳିକି କଂସାରିଗୁଡ଼ାଠାରେ ଆରମ୍ଭ ହେବାକୁ ଥିବା ପୋଷାକ ତିଆରି ୟୁନିଟର ଏଯାବତ୍ ଫାଉଣ୍ଡେସନ କାମ ମଧ୍ୟ ଆରମ୍ଭ ହୋଇନାହିଁ । ସେମାନଙ୍କୁ କମ୍ପାନୀରେ ସ୍ଥାୟୀ ନିଯୁକ୍ତି ବଦଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଅନ୍ତର୍ଭୁକ୍ତକରି ୧୦୦ ଦିନିଆ କାମ ଦେଉଛି ପ୍ରଶାସନ । ତାହା ବି ଦଲାଲଙ୍କ କବଳରେ ପଡ଼ିବା କାରଣରୁ ଉପଯୁକ୍ତ ପାରିଶ୍ରମିକ ପାଉନାହାଁନ୍ତି ଏବଂ ଦଲାଲ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ମିଶି ମାଲାମାଲ ହେଉଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଫଳରେ ଯୁବତୀ ଯୁବକମାନେ ପରିବାର ଭରଣପୋଷଣ ପାଇଁ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ବାଧ ହେଉଛନ୍ତି ଏବଂ ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହେଉଛନ୍ତି ବୋଲି ରାୟଗଡ଼ା ବିଧାୟକ କାଡ୍ରାକା କହିଛନ୍ତି ।

# ନିକଟସ୍ଥ ସରକାରୀ କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ


ରେଲି ସାହି ଅଙ୍ଗନୱାଡି କେନ୍ଦ୍ରରେ ଭତ୍ତା ଟଙ୍କା ନେବା ପାଇଁ ହିତାଧିକାରୀ ଭିଡ଼ ଜମାଇଛନ୍ତି।

ଗୁଣୁପୁର, ୧୫।୧ (ସଂକେତ ପାତ୍ର)

ଗୁଣୁପୁର ନଗରପାଳିକା ପକ୍ଷରୁ ଲୋକହିତକର ପଦକ୍ଷେପ ନିଆଯାଇଛି। ହିତାଧିକାରୀଙ୍କୁ ଭତ୍ତା ଟଙ୍କା ନଗରପାଳିକା କାର୍ଯ୍ୟାଳୟରେ ବଣ୍ଟନ କରାଯାଉଥିଲା, କିନ୍ତୁ ଭିଡ଼ ଏଡ଼ାଇବା ସହ ଦୂରବର୍ତ୍ତୀ ୱାର୍ଡର ହିତାଧିକାରୀ ସହଜରେ ଭତ୍ତା ଟଙ୍କା ପାଇପାରିବେ ସେ ନେଇ ନଗରପାଳିକା ଅଧ୍ୟକ୍ଷଙ୍କ ନିର୍ଦ୍ଦେଶରେ ୱାର୍ଡସ୍ତରରେ ପେନ୍‌ସନ ବଣ୍ଟନ ଆରମ୍ଭ କରାଯାଇଛି। ପ୍ରତ୍ୟେକ ୱାର୍ଡର ନିକଟସ୍ଥ ସରକାରୀ କାର୍ଯ୍ୟାଳୟ କିମ୍ବା ସରକାରୀ ସଂସ୍ଥାକୁ ଚିହ୍ନଟ କରି ସେଠାରେ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ଟଙ୍କା ବଣ୍ଟନ ବ୍ୟବସ୍ଥା ଆରମ୍ଭ ହୋଇଛି। ଏହି କ୍ରମରେ ଗୁରୁବାର ୱାର୍ଡ ନଂ ୭ର ବଡ଼ ରେଲି ସାହି ଅଙ୍ଗନୱାଡି କେନ୍ଦ୍ରରେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଉଲ୍ଲେଖନୀୟ ଯେ, ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କ ଦୈନିକ କାର୍ଯ୍ୟକ୍ରମ ସମାପ୍ତ ହୋଇ ସେମାନେ ଘରକୁ ଫେରିବା ପରେ ହିଁ ଭତ୍ତା ବଣ୍ଟନ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଫଳରେ ଶିଶୁଙ୍କ କାର୍ଯ୍ୟକଳାପରେ କୌଣସି ବାଧା ସୃଷ୍ଟି ହୋଇ ନ ଥିବା ସହ ସମସ୍ତ କାର୍ଯ୍ୟ ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା। ଏହି ଜନହିତକର ବ୍ୟବସ୍ଥା ଫଳରେ ବୃଦ୍ଧାବୃଦ୍ଧ ଦୂର ଯାତ୍ରା ଓ ଭିଡ଼ ଯନ୍ତ୍ରଣାରୁ ମୁକ୍ତି ପାଇ ସହଜରେ ଭତ୍ତା ପାଇଥିବା ଜଣାପଡ଼ିଛି। ନଗରପାଳିକାର ଏହି ପଦକ୍ଷେପକୁ ସାଧାରଣ ଲୋକେ ପ୍ରଶଂସା କରିଛନ୍ତି।

# ବାଣ ଫୁଟି ହାବିଲଦାର ଗୁରୁତର ଘଟଣାରେ ପୋଲିସର ତନାଘନା

ରାୟଗଡା,୧୫।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ହାବିଲଦାର କନଷ୍ଟେବଲ ସଂଘର ନିର୍ବାଚନ ଫଳାଫଳ ଘୋଷଣା ପରେ ବୁଧବାର ଏକ ଶୋଭାଯାତ୍ରାର ବେଳେ ବାଣ ଫୁଟି ଜଣେ କନଷ୍ଟେବଲ କୃଷ୍ଣ ଚନ୍ଦ୍ର ବାଗଙ୍କ ହାତ ପାପୁଲି ଫାଟି ଯାଇଥିଲା । ଏହି ଘଟଣାରେ କୃଷ୍ଣଚନ୍ଦ୍ର ଗୁରୁତର ହୋଇଥିବା ବେଳେ ତାଙ୍କୁ ଚିକିତ୍ସା ପାଇଁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି । କିନ୍ତୁ ଏହି ଘଟଣା କିଭଳି ପରିସ୍ଥିତିରେ ଘଟିଲା ତାକୁ ନେଇ ପୋଲିସ ପକ୍ଷରୁ ତନାଘନା ଚାଲିଛି । ଏହି ଘଟଣାକୁ ବିଭାଗୀୟ ଅଧିକାରୀମାନେ ଗୁରୁତର ସହ ନେଇଥିବା ବେଳେ କୌଣସି ବେନିୟମ କାର୍ଯ୍ୟ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗରେ ତତ୍ପରତା ପ୍ରକାଶ ପାଇଛି ।ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ପଚାରିଲେ ତଦନ୍ତ ଚାଲୁଥିବା କହୁଛନ୍ତି।

# ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ


ବୈଠକରେ ବିଧାୟକଙ୍କ ସହ ଉପସ୍ଥିତ ଅଧିକାରୀ।

**ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି ବୈଠକ**

ଗୁଣପୁର,୧୫।୧ (ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି ବୈଠକ ଗୁରୁବାର ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ଅଧ୍ୟକ୍ଷତାରେ ଉପଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି । ପୂର୍ତ୍ତ, ଅବକାରୀ, ପୌର ପରିଷଦ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏବଂ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଭଳି ୫ଟି ବିଭାଗରେ ସମସ୍ତ ଯୋଜନାରେ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟର ଅଗ୍ରଗତି ଏବଂ ଆର୍ଥିକ ଅଗ୍ରଗତି ସମ୍ପର୍କରେ ବିଧାୟକ ଗମାଙ୍ଗ ସମୀକ୍ଷା କରିଥିଲେ । ସମସ୍ତ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବା ସହ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଥିଲେ । ତେବେ ବୈଠକରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏବଂ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର କେହି ଯୋଗ ନ ଦେଇ ନ ଥିବାରୁ ସେହି ବିଭାଗ କାର୍ଯ୍ୟର ସମୀକ୍ଷା ହୋଇପାରି ନ ଥିଲା । ଅନ୍ୟ ୩ଟି ବିଭାଗର ଅଧିକାରୀ ଆସିଥିବାରୁ ସେହି ବିଭାଗର ସମୀକ୍ଷା ହୋଇଥିଲା। ତେଣୁ ଏହି ଦୁଇ ବିଭାଗର ସମୀକ୍ଷା ଆସନ୍ତା ୧୯ ତାରିଖରେ କରିବାକୁ ଦିନ ଧାର୍ଯ୍ୟ କରାଯାଇଥିବା ଜଣାପଡ଼ିଛି। ଏହି ଏସିଡିସି ବୈଠକରେ ଜିଲ୍ଲା ଯୋଜନା ବୋର୍ଡର ଉପ ନିର୍ଦ୍ଦେଶକ ହିମାଂଶୁ ଲେଙ୍କା, ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁର ପ୍ରମୁଖ ଉପସ୍ଥିତ ଥିଲେ ।

# ବିକ୍ରମପୁର ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଗୁଣୁପୁର, ୧୫।୧(ସୁଜାତା ପାଢ଼ୀ)

ରାୟଗଡା ଜିଲା ଗୁଣପୁର ପୌର ପରିଷଦ ଅନ୍ତର୍ଗତ ବିକ୍ରମପୁର ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମନ୍ତ ବରିହା ଯୋଗଦେଇ କ୍ରୀଡା ହେଉଛି ବିଦ୍ୟାଳୟର ଏକ ଅବିଚ୍ଛେଦ ଅଙ୍ଗ ବୋଲି କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କହିଥିଲେ, ଖେଳକୁଦରେ ଭଗନେବା କେବଳ ଶାରୀରିକ ବ୍ୟାୟାମ ନୁହେଁ ମାନସିକ ବିକାଶ ପାଇଁ ଲାଭଦାୟକ। ମୁଖ୍ୟବକ୍ତା ଭାବେ ନରସିଂହନାଥ ମହାନ୍ତି ଯୋଗଦେଇ କ୍ରୀଡା ସହ ପାଠ ପଢିବା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଏସ୍ ଲକ୍ଷ୍ମଣ ରାଓ, କାଉନସିଲର ଶିବ ପାଢ଼ୀ, ବିଦ୍ୟାଳୟ ସଭାପତି ପ୍ରବୀଣ ଜେନା, ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ବରିହା, ଖେଳ ଶିକ୍ଷକ ଉମାକାନ୍ତ ଶବରଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ।

# ଗୁଣପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀଙ୍କ ସଫଳତା



ପୁରସ୍କୃତ ହୋଇଥିବା ଛାତ୍ରୀମାନେ।

ଗୁଣପୁର,୧୫।୧(ସଂକେତ ପାତ୍ର)

ଗୁଣପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ବିଭିନ୍ନ ସ୍ଥାନରେ କୁଇଜ, ନିବନ୍ଧ, ଚିତ୍ରାଙ୍କନ ଓ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଇ ସଫଳତା ହାସଲକରି ଗୁଣପୁର, ରାୟଗଡ଼ା ଜିଲାକୁ ଗର୍ବିତ କରିଛନ୍ତି। ଗତ ନଭେମ୍ବର ୨୩ରେ ଗୁଣପୁର ଏସ୍‌ଡିଜେଏମ୍ କୋର୍ଟରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଶିଶୁ ଚୋରାଚାଲାଣ ବିଷୟରେ ଚିତ୍ରାଙ୍କନ କରି ୯ମ ଶ୍ରେଣୀର ଛାତ୍ରୀ ଚାନ୍ଦିନୀ ଶବର ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ଶିଶୁମାନଙ୍କ ଉପରେ ସୋସିଆଲ ମିଡିଆର ଅପବ୍ୟବହାର ବିଷୟରେ ୭ମ ଶ୍ରେଣୀ ଛାତ୍ରୀ ଗଙ୍ଗୋତ୍ରୀ ଶବର ବକ୍ତୃତା ଦେଇ ପ୍ରଥମ ସ୍ଥାନ ଲାଭ କରିଥିଲେ। ଗତ ୩ ତାରିଖରେ ପାଣି ପଞ୍ଚାୟତ ପକ୍ଷରେ ଆୟୋଜିତ ନିବନ୍ଧ ପ୍ରତିଯୋଗିତାରେ ୯ମ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ପରିଡ଼ା ପ୍ରଥମ ସ୍ଥାନ, ଚିତ୍ରାଙ୍କନରେ ଚାନ୍ଦିନୀ ଶବର ଦ୍ୱିତୀୟ ଓ କୁଇଜ୍‌ରେ ନମିତା ଶବର ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପ୍ରତିଯୋଗିତାରେ ନମିତା ଶବର କୁଇଜ୍‌ରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତର ପ୍ରତିଯୋଗିତା ପାଇଁ ଚୟନ ହୋଇଛନ୍ତି। ସେହିପରି ଚାନ୍ଦିନୀ ଶବର ଚିତ୍ରାଙ୍କନରେ ଦ୍ୱିତୀୟ ଓ ଶୁଭଶ୍ରୀ ପରିଡ଼ା ନିବନ୍ଧରେ ତୃତୀୟ ସ୍ଥାନ ଲାଭ କରିଥିଲେ। ରାଜ୍ୟସ୍ତର କୁଇଜ ପ୍ରତିଯୋଗିତା ପାଇଁ ନମିତା ଶବର ଶୁକ୍ରବାର ସକାଳ ୧୦ଟାରେ ମାଇନର ଇରିଗେସନ୍ କାର୍ଯ୍ୟାଳୟରୁ ଅନ୍‌ଲାଇନ ମୋଡ୍‌ରେ ଅଂଶଗ୍ରହଣ କରିବେ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ନମିତା ଶବର ବର୍ତ୍ତମାନ ଗୁଣପୁର ସେବା ସମାଜରେ ରହି ପାଠପଢ଼ା କରୁଛନ୍ତି। ସେହିପରି ବ୍ଲକ୍‌ସ୍ତରୀୟ ଚଇତି କବାଡ଼ି ପ୍ରତିଯୋଗିତାରେ ବିଦ୍ୟାଳୟର ବାଳିକା ଦଳ ଚ୍ୟାମ୍ପିୟନ ହୋଇ ଟ୍ରଫି ଜିତିଛି।

# ୩୯ କେଜି ଗଞ୍ଜେଇ ଜବତ, ୩ ଗିରଫ

ମୁନିଗୁଡ଼ା,୧୫।୧ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡାର ଦୁଇଟି ପୃଥକ୍ ସ୍ଥାନରୁ ୩୯ କେଜି ଗଞ୍ଜେଇ ଜବତ କରାଯିବା ସହ ୩ ଜଣଙ୍କୁ ଗିରଫ କରାଯାଇଛି। 'ଅପରେସନ ଷ୍ଟ୍ରାଇକ୍' ଅଧୀନରେ ମୁନିଗୁଡ଼ା ଥାନା ଆଇଆଇସି କେଶବ ଷଡଙ୍ଗୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ତେଲେଙ୍ଗାପଦର ଛକ ନିକଟରେ ଏକ ଅଟୋରୁ ୨୮କେଜି ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ଆହିତା ମଣ୍ଡଳ (୨୫) ଏବଂ ସଦମ ନାୟକ (୨୭)ଙ୍କୁ ପୋଲିସ ଗିରଫ କରିଛି। ଉଭୟ ଅଭିଯୁକ୍ତଙ୍କ ଘର କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ଥାନା ଅଧୀନ ମାଳିପଡ଼ା ଗ୍ରାମରେ ବୋଲି ଜଣାପଡିଛି। ସେମାନଙ୍କ ନିକଟରୁ ପୋଲିସ ଦୁଇଟି ମୋବାଇଲ ଫୋନ ଓ ନଗଦ ୧୦ହଜାର ଟଙ୍କା ଜବତ କରିଛି। ତୁମୁଡ଼ିବନ୍ଧରୁ ଗଞ୍ଜେଇ ନେଇ କେରଳ ଚାଲାଣ ପାଇଁ ଯୋଜନା କରୁଥିବା ପୋଲିସ ସମ୍ମୁଖରେ ଅଭିଯୁକ୍ତଦ୍ୱୟ ପ୍ରକାଶ କରିଛନ୍ତି। ମୁନିଗୁଡ଼ା ଥାନାରେ ଏ ନେଇ କେଶ ନଂ ୨୦/୨୬ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କ କୋର୍ଟ ଚାଲାଣ କରାଯାଇଛି। ଗଞ୍ଜେଇ ଅପରେସନରେ ଆଇଆଇସି ଷଡଙ୍ଗୀଙ୍କ ସହ ଏସ୍‌ଆଇ ମହେଶ୍ୱର ପାଇକ, ଇତିଶ୍ରୀ ପ୍ରଧାନ, ଜଗଜୀତ ପାତ୍ର ଓ ମନୋରଞ୍ଜନ ବିଶ୍ୱାଳ ସାମିଲ ଥିଲେ।


ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

ସେହିପରି ମୁନିଗୁଡ଼ା ରେଲୱେ ଷ୍ଟେଶନ ପ୍ଲାଟ ଫାର୍ମ ନଂ୨ରୁ ସମତା ଏକ୍ସପ୍ରେସ ଯୋଗେ ଦିଲ୍ଲୀକୁ ଗଞ୍ଜେଇ ଚାଲାଣ ସମୟରେ ୧୧କେଜି ୮୩୦ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଗଞ୍ଜେଇ ଚାଲାଣ ଅଭିଯୋଗରେ ଦୀପକ କୁମାର(୨୨)ଙ୍କୁ ରେଲୱେ ପୋଲିସ ଫୋର୍ସ ଗିରଫ କରିଛି। ମୁନିଗୁଡ଼ା ଆରପିଏଫ ଇନ୍ସପେକ୍ଟର ଏନ୍‌ଏସ୍ ମୀନାଙ୍କ ନିର୍ଦ୍ଦେଶ ଓ ସବ ଇନ୍ସପେକ୍ଟର ଟି ଏସ ଭଞ୍ଜଙ୍କ ନେତୃତ୍ୱରେ ଏଏସଆଇ କେ ଏସ୍ ପ୍ରକାଶ, ସିଏଚଭି ରାଓ, କନଷ୍ଟେବଳ ସାଇଲେନ୍ଦ୍ର ସିଂହ ଓ ଶୁକଦେବ ବରିହା ଟ୍ରେନ୍‌ରୁ ଗଞ୍ଜେଇ ମାଫିଆ ଦୀପକ କୁମାରଙ୍କୁ ଗଞ୍ଜେଇ ବ୍ୟାଗ ସହ ଗିରଫ କରିଥିଲେ। ଦୀପକ ହରିୟାଣା ରେୱାରି ଜିଲା କୋଷିଲ ଥାନା ଅନ୍ତର୍ଗତ ନୟାଗାଁ ଅଧିବାସୀ। ମୁନିଗୁଡ଼ା ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବିଡ଼ିଓ କୃଷ୍ଣଚନ୍ଦ୍ର ଦଳପତିଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯାଇଥିଲା। ଗଞ୍ଜେଇର ପରିମାଣ ୧୧କେଜି ୮୩୦ଗ୍ରାମ ଥିଲା ଯାହାର ବଜାର ମୂଲ୍ୟ ୫ ଲକ୍ଷ ୯୧ ହଜାର ୫୦୦ ବୋଲି ଜଣାଯାଏ।ପରେ କେଶ ନଂ ୩/୨୦୨୬ରେ ମାମଲା ରୁଜୁ କରି ଆସାମୀଙ୍କ ରାୟଗଡ଼ା ପଠାଇ ଦିଆଯାଇଛି।

# ବିଧାୟକଙ୍କ ନାଁରେ ମିଥ୍ୟା ଖବର ପ୍ରଚାର, ଥାନାରେ ଅଭିଯୋଗ

ଗୁଣୁପୁର ,୧୫।୧ (ସଂକେତ ପାତ୍ର)

ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ ନାଁରେ ମିଥ୍ୟା ଖବର ପ୍ରଚାରକୁ ନେଇ ସେ ଗୁଣୁପୁର ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କିଛି ଲୋକ ଓ ପତ୍ରିକା ଉଦ୍ଦେଶ୍ୟମୂଳକ ଭାବେ ମୋ ନାମରେ ଅପପ୍ରଚାର କରି ସାଧାରଣ ଲୋକଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ବିଧାୟକ ଗମାଙ୍ଗ ଏତଲାରେ ଦର୍ଶାଇଛନ୍ତି। ଏହି ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କୌଣସି ପ୍ରମାଣ ଓ ସତ୍ୟତା ବିନା ଜଣେ ଜନପ୍ରତିନିଧିଙ୍କ ବିରୋଧରେ ଏପରି ମିଥ୍ୟା ଖବର ପ୍ରଚାର କରିବା ନିନ୍ଦନୀୟ ବୋଲି କୁହାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଆଦର୍ଶ ଥାନା ଅଧିକାରୀଙ୍କୁ ପଚାରିବାରୁ ଏ ନେଇ ଏକ ମାମଲା ରୁଜୁ କରାଯାଇଛି। ଅଦାଲତକୁ ଘଟଣା ସନ୍ଦର୍ଭରେ ସୂଚନା ଦିଆଯିବା ପରେ ଆଇନସମ୍ମତ ଭାବେ ଆଗାମୀ ଦିନରେ ଯାଞ୍ଚ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଜମିଦାର ସକଳାବାତ୍ତୁଲା ଲକ୍ଷ୍ମଣ ମୂର୍ତ୍ତିଙ୍କ ପରଲୋକ

ଗୁଣପୁର, ୧୫।୧ (ସଂକେତ ପାତ୍ର)



ଗୁଣୁପୁର ଅଞ୍ଚଳର ଜମିଦାର, ବ୍ୟବସାୟୀ ସକଳାବାତ୍ତୁଲା ଲକ୍ଷ୍ମଣ ମୂର୍ତ୍ତିଙ୍କ ଗୁରୁବାର ଅପରାହ୍ନ ୨ଟା ୪୦ରେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ହୀରାମଣ୍ଡଳମ ଠାରେ ପରଲୋକ ଘଟିଛି। ସେ ବହୁଦିନ ଧରି ବୟସାଧିକଜନିତ ରୋଗରେ ପୀଡିତ ରହି ଚିକିତ୍ସାଧୀନ ଥିଲେ। ସ୍ୱର୍ଗତ ଲକ୍ଷ୍ମଣ ମୂର୍ତ୍ତି ତାଙ୍କ ବଡ଼ ପୁଅଙ୍କ ପାଖରେ ଆନ୍ଧ୍ରରେ ରହୁଥିଲେ। ତାଙ୍କ ଛୋଟ ପୁଅ ସକଳାବାତ୍ତୁଲା ବାବା ପ୍ରସାଦ ବର୍ତ୍ତମାନ ଗୁଣୁପୁର କଳିଙ୍ଗ ବୈଶ୍ୟ ସଂଘର ସଭାପତି ଭାବେ କାର୍ଯ୍ୟରତ ଅଛନ୍ତି। ଲକ୍ଷ୍ମଣ ମୂର୍ତ୍ତିଙ୍କ ମୂଳ ବାସସ୍ଥାନ ଗୁଣୁପୁର ନିକଟବର୍ତ୍ତୀ ଜଗନ୍ନାଥପୁର ହୋଇଥିବାବେଳେ ସେ ଦୀର୍ଘ ବର୍ଷ ପୂର୍ବେ ଗୁଣୁପୁରରେ ସ୍ଥାୟୀ ଭାବେ ବସବାସ କରୁଥିଲେ। ଦୀର୍ଘ ସମୟ ଧରି ସେ ବ୍ୟବସାୟ ସହ ସାମାଜିକ କ୍ଷେତ୍ରରେ ସକ୍ରିୟ ରହି ଗୁଣୁପୁର ଅଞ୍ଚଳରେ ଜଣେ ସମ୍ମାନିତ ଓ ଆଦରଣୀୟ ବ୍ୟକ୍ତିତ୍ୱ ଭାବେ ପରିଚିତ ଥିଲେ। ତାଙ୍କ ପରଲୋକରେ ଗୁଣୁପୁରରେ ଶୋକର ଛାୟା ଖେଳିଯାଇଛି। ବହୁ ସାମାଜିକ ସଂଗଠନ, ବ୍ୟବସାୟୀ ଓ ଶୁଭେଚ୍ଛୁ ଶୋକ ପ୍ରକାଶ କରିଛନ୍ତି।

# ସୁଶାନ୍ତଙ୍କୁ ଫକୀରମୋହନ ପତ୍ରିକା ସମ୍ପାଦନା ସମ୍ମାନ

ରାୟଗଡା,୧୫।୧(ଆଶିଷ ରଞ୍ଜନ ପଣ୍ଡା)

ବାଲେଶ୍ୱର ଫକୀର ମୋହନ ସାହିତ୍ୟ ପରିଷଦ ବାର୍ଷିକ ଉତ୍ସବରେ 'ପଞ୍ଚବଟୀ' ପତ୍ରିକାର ସମ୍ପାଦକ ସୁଶାନ୍ତ କୁମାର ନାୟକଙ୍କୁ ସମ୍ପାଦନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଫକୀର ମୋହନ ପତ୍ରିକା ସମ୍ପାଦନା ସମ୍ମାନ ପ୍ରଦାନ କରାଯାଇଛି। ଅନୁଷ୍ଠାନର ସଭାପତି ସୁବାସ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ପ୍ରଖ୍ୟାତ କଥାକାର ତରୁଣକାନ୍ତି ମିଶ୍ର, ବରେଣ୍ୟ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ତଥା ବିଶିଷ୍ଟ ଗାଳ୍ପିକ ରାମଚନ୍ଦ୍ର ବେହେରା ଯୋଗଦେଇ ନାୟକଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ। ନାୟକଙ୍କ ଏହି ସଫଳତାରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

ନାୟକ ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ୍ୱ ହେଲା ପଞ୍ଚବଟୀ ପତ୍ରିକାର ସମ୍ପାଦନା କରି ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଅଭିବୃଦ୍ଧି ପାଇଁ କାର୍ଯ୍ୟ କରି ଆସୁଛନ୍ତି। ସେ ବର୍ତ୍ତମାନ ରାୟଗଡା ସାହିତ୍ୟ ମହୋତ୍ସବର ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଓଡିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, କେନ୍ଦ୍ର ସାହିତ୍ୟ ଏକାଡେମୀର ପୂର୍ବତନ ଆବାହକ ଡ. ବିଜୟାନନ୍ଦ ସିଂହ, ବିଶିଷ୍ଟ ସାହିତ୍ୟିକ ଅରବିନ୍ଦ ରାୟ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ଅତିଥି ସୁଶାନ୍ତ କୁମାର ନାୟକଙ୍କୁ ସମ୍ମାନିତ କରୁଛନ୍ତି।

# ଜନକଲ୍ୟାଣକାରୀ ଦିବସ ପାଳନବେଳେ ଶକ୍ତି ଦେଖାଇଲା ବିଏସ୍‌ପି

ରାୟଗଡା,୧୫।୧(ଆଶିଷ ରଞ୍ଜନ ପଣ୍ଡା)


ସମାବେଶରେ ବିଏସ୍ ପି ନେତା ଉଦ୍‌ବୋଧନ ଦେଉଛନ୍ତି।

ରାୟଗଡାଠାରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଗୁରୁବାର ଶକ୍ତି ପ୍ରଦର୍ଶନ କରିଛି। ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷା ତଥା ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏମ୍‌ପି ମାୟାବତୀଙ୍କ ୭୦ ତମ ଜନ୍ମଦିନ ପାଳନ ଅବସରରେ ଦଳ ରାୟଗଡା ଜିଲାରେ ଆୟୋଜିତ ସମାବେଶରେ ତାର ଶକ୍ତି ପ୍ରଦର୍ଶନ କରିଛି । ମାୟାବତୀଙ୍କ ଜନ୍ମଦିନକୁ ସାରା ଭାରତରେ 'ଜନ କଲ୍ୟାଣକାରୀ ଦିବସ' ରୂପେ ପାଳନ କରାଯାଉଥିବା ବେଳେ ରାୟଗଡା ସଦରସ୍ଥିତ ତେଜସ୍ୱୀ ପଡିଆଠାରେ ରାଜ୍ୟ ପ୍ରଭାରୀ ଜିତୁ ଜାକାଶିକା, ରାଜ୍ୟ ସଭାପତି ସରୋଜ ନାୟକ, ଜିଲା ସଭାପତି ପୂର୍ଣ୍ଣ ଚନ୍ଦ୍ର ଟାକ୍ରୀ, ଜିଲ୍ଲା ପ୍ରଭାରୀ ରାମଦାସ ଟାକ୍ରୀଙ୍କ ନେତୃତ୍ୱରେ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ କେନ୍ଦ୍ରୀୟ ସଂଯୋଜକ ଡ. ଲାଲଜୀ ମେଧାଙ୍କର ସମ୍ବୋଧିତ କରି କହିଥିଲେ, ଭାରତର କୋଟି କୋଟି ଦଳିତ, ଆଦିବାସୀ, ଅନ୍ୟାନ୍ୟ ପଛୁଆ ବର୍ଗ, ଧାର୍ମିକ ଅଳ୍ପ ସଂଖ୍ୟକ ଏବଂ ଶୋଷିତ, ନିଷ୍ପେସିତ, ଅବହେଳିତ, ଚାଷୀ ମୂଲିଆ ତଥା ମହିଳା ବର୍ଗର ହକ୍ ଏବଂ ଅଧିକାର ପାଇଁ ଲଢୁଥିବା ଏକମାତ୍ର ନେତ୍ରୀ ମାୟାବତୀଙ୍କ ଜନ୍ମ ଦିବସକୁ 'ଜନକଲ୍ୟାଣକାରୀ ଦିବସ' ରୂପେ କାହିଁକି ପାଳନ କରାଯାଉଛି ସେ ନେଇ ସଚେତନ କରିଥିଲେ । ବାବା ସାହେବ ଭୀମ ରାଓ ଆମ୍ବେଦକରଙ୍କ ଉଦ୍ଦେଶ୍ୟର ମଶାଲକୁ ଆଗେଇ ନେଇଥିବା କାଁସୀରାମ ସାହେବ ଏବଂ ତାଙ୍କ ପରେ ଏହି ସାମାଜିକ ଆନ୍ଦୋଳନକୁ ସତ୍ୟ ନିଷ୍ଠାର ସହ ସମଗ୍ର ଭାରତ ବର୍ଷରେ ଆଗେଇ ନେଉଥିବା ମାୟାବତୀଙ୍କ ଦଳିତ ଏବଂ ପଛୁଆବର୍ଗ ସମାଜ ପ୍ରତି ଥିବା ଅବଦାନ ନେଇ ସଭାକୁ ଅବଗତ କରିଥିଲେ।

ବାବା ସାହେବ ଆମ ସମାଜ ପାଇଁ ଉଦ୍ୟମ କରି ଯେଉଁ ସମ୍ମାନ ଆଉ ଅଧିକାର ଦେଇଛନ୍ତି, ଏବେ ସେହି ଋଣ ଶୁଝିବା ପ୍ରତ୍ୟକ ବହୁଜନ ଭାଇ ଭଉଣୀଙ୍କ ଦାୟିତ୍ୱ ବୋଲି ରାଜ୍ୟ ପ୍ରଭାରୀ ଜିତୁ ଜାକାକା କହିଥିଲେ । ବହୁଜନ ଏବେ ସଚେତନ, ଏବେ ନାହିଁ ତ କେବେ ନାହିଁ ବୋଲି କହିଛନ୍ତି ବହୁଜନ ସମାଜ ପାର୍ଟି ଜିଲା ସଭାପତି ପୂର୍ଣ୍ଣ ଟାକ୍ରୀ। ନିକଟରେ ବହୁଜନ ସମାଜ ପାର୍ଟିରେ ଯୋଗ ଦେଇଥିବା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲାଙ୍କ ଅଭିଭାଷଣ ଶୁଣିବା ପାଇଁ ଲୋକଙ୍କ ମଧ୍ୟରେ ଅଦ୍ଭୁତ ଉତ୍ସାହ ଦେଖିବାକୁ ମିଳିଥିଲା । 'ଏଥର ପରିବର୍ତ୍ତନ, ବହୁଜନ ଶାସନ ଆଉ ଶାସକ ବହୁଜନ' ନାରା ଦେଇ ଲୋକଙ୍କ ମଧ୍ୟରେ ଉତ୍ସାହ ଭରିଥିଲେ ଗଙ୍ଗାଧର । କାର୍ଯ୍ୟକ୍ରମରେ ପ୍ରାୟ ୭ ହଜାରରୁ ଅଧିକ ଲୋକ ଯୋଗ ଦେଇଥିଲେ। ବିଏସ୍‌ପିର ରାଜ୍ୟ ସମ୍ପାଦିକା ସୁନୀତା ବିଡ଼ିକା, ଏସ୍‌ଟି ସେଲ ସଭାପତି ଶ୍ରୀପତି ଉଲାକା, ଏସ୍‌ସି ସେଲ ସଭାପତି କ୍ଷୀର ବାଗ, ବିଶିକେସନ ଟାକ୍ରୀଙ୍କ ଉପସ୍ଥିତିରେ ବିଭିନ୍ନ ଦଳ ଛାଡ଼ି ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ନୂତନ କର୍ମକର୍ତ୍ତା ବିଏସ୍‌ପିରେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ପୋଡ଼ି ହୋଇ ବୃଦ୍ଧ ମୃତ

ଡାବୁଗାଁ, ୧୫।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଖଲିଗୁଡ଼ା ଗ୍ରାମରେ ନିଆଁରେ ପୋଡ଼ି ହୋଇ ଚିକିତ୍ସିତ ହେଉଥିବା ଜଣେ ବୃଦ୍ଧଙ୍କ ବୁଧବାର ମୃତ୍ୟୁ ହୋଇଛି। ଏ ନେଇ ଡାବୁଗାଁ ଥାନାରେ ପରିବାର ଲୋକେ ଲିଖିତ ଅଭିଯୋଗ କରିଛନ୍ତି। ମୃତକ ହେଲେ ଖଲିଗୁଡ଼ା ଗ୍ରାମର ଇସ୍ତିଗାନ୍ ସୁନା (୭୦)। ସୂଚନାନୁଯାୟୀ, ୧୩ ତାରିଖରେ ଥଣ୍ଡା ନିୟନ୍ତ୍ରଣ ପାଇଁ ଘର ପାଖରେ ଇସ୍ତିଗାନ୍ ନିଆଁ ଲଗାଇ ବସିଥିଲେ। ସେହି ସମୟରେ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ସେ ପକ୍ଷାଘାତ ରୋଗୀ ହୋଇଥିବାରୁ ପାଟିକରି ଡାକିପାରି ନ ଥିଲେ। ବୃଦ୍ଧ ଜଣଙ୍କ ପୋଡ଼ି ହେବା ଦେଖି ପାଖରେ ଥିବା କୁକୁରଗୁଡ଼ିକ ଭୁକିଥିଲେ। ପରିବାର ଲୋକେ କୁକୁର ଭୁକିବା ଶୁଣି ବାହାରକୁ ଆସି ନିଆଁ ଲିଭାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପାପଡ଼ାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ପୁଅ ଜୟଦାନ ସୁନା ବୁଧବାର ଥାନାରେ ଏତଲା ଦେଇଥିଲେ। ଏସ୍ଆଇ ବିକ୍ରମ ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଡାବୁଗାଁ ଥାନା କେସ ନଂ ୧/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଲକ୍ଷାଧିକ ଟଙ୍କାର କାଠ ଜବତ

ପାପଡ଼ାହାଣ୍ଡି/ମଇଦଲପୁର, ୧୫।୧
(ସ୍ୱପ୍ନଜିତ ପଟ୍ଟନାୟକ/ସଦାଶିବ ଦାସ)

ନବରଙ୍ଗପୁର ଜିଲା ଡାବୁଗାଁ ରେଞ୍ଜ ମଇଦଲପୁର ବନ କର୍ମଚାରୀ କାଠ ଭର୍ତ୍ତି ଏକ ଟ୍ରକ ଜବତ କରିଛନ୍ତି। ଏହି ଘଟଣାରେ ଡ୍ରାଇଭରଙ୍କୁ ଅଟକ ରଖାଯାଇଛି। ସୂଚନା ପ୍ରକାରେ ମଙ୍ଗଳବାର ରାତିରେ କଳାହାଣ୍ଡି ଜିଲା ଆମପାଣି ଥାନା ଘଣ୍ଟିଗୁଡ଼ା ଗ୍ରାମରୁ ଏକ ଟ୍ରକ (ଓଡି-୩୦ଏ-୫୮୩୭) ଯୋଗେ ଲକ୍ଷାଧିକ ଟଙ୍କାର କାଠ ଆନ୍ଧ୍ର ଚାଲାଣ ହେଉଥିଲା। ଖବରପାଇ ବନ କର୍ମଚାରୀ ଉକ୍ତ ଟ୍ରକ୍‌କୁ ଜବତ କରିଛନ୍ତି। ଡ୍ରାଇଭର ବାବୁ ଦାସ ସରକାରଙ୍କୁ ଅଟକ ରଖାଯାଇଛି। ୨୨୯/୨୬ ରେ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚଢ଼ାଉରେ ମୈଦଲପୁର ବନପାଳ ମଧୁସୂଦନ ପାତ୍ର, ବସନ୍ତ ନାୟକ, ଉମାଶଙ୍କର ମିଶ୍ର, ସରସ୍ୱତୀ ମେହେର, ମଧୁସ୍ମିତା ତ୍ରିପାଠୀ, ବୈଦ୍ୟନାଥ ମାଝୀ ଓ ଖାଡେଶ୍ୱର ହରିଜନ ପ୍ରମୁଖ ସାମିଲ ଥିଲେ।

### ୨ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୧୫।୧ (ପବନ ପାଣିଗ୍ରାହୀ)

ଫେରାର ଥିବା ୨ ଅଭିଯୁକ୍ତଙ୍କୁ କୋରାପୁଟ ଜିଲା ଜୟପୁର ସଦର ପୋଲିସ ଗିରଫ କରିଛି। ସେମାନେ ହେଲେ କୁମ୍ଭାରପୁଟ୍ ଗ୍ରାମର ଧନୁର୍ଜ୍ଜୟ କୁମ୍ଭାର(୨୫) ମୁଳାସର ଗ୍ରାମର ଗେରୀ ତନ୍ତି(୩୧) । ପୋଲିସ ସୂଚନାନୁଯାୟୀ, ଧନୁର୍ଜ୍ଜୟ ୨୦୨୦ରେ ଏକ ଅପରାଧିକ ମାମଲାରେ ସମ୍ପୃକ୍ତ ଥିଲେ। ସେହିଭଳି ତନ୍ତି ୨୦୨୪ରେ ଗଣ୍ଡଗୋଳ ମାମଲାରେ ଜଡିତ ଥିଲେ। ଉଭୟ ଅଭିଯୁକ୍ତ ଘଟଣାପରଠାରୁ ଫେରାର ଥିଲେ। ପୋଲିସ ଗୁରୁବାର ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ଜୟପୁର ସଦର ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# 'ଟ୍ରାଫିକ୍ ନିୟମ ମାନିବା, ଅନ୍ୟଙ୍କୁ ସଚେତନ କରିବା'

## ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

ନବରଙ୍ଗପୁର, ୧୫।୧ (ସଦାଶିବ ପ୍ରହରାଜ)



ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ ।

ନବରଙ୍ଗପୁର ଜିଲାରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଏକ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ଗୁରୁବାର କରାଯାଇଛି। ଶୋଭାଯାତ୍ରା ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ମିଶନ ଶକ୍ତି ସମ୍ମିଳନୀ ଗୃହ ପର୍ଯ୍ୟନ୍ତ ଯାଇଥିଲା। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଶୋଭାଯାତ୍ରାକୁ ଜିଲାପାଳ ମହେଶ୍ୱର ସ୍ୱାଇଁ, ଏସ୍‌ପି ମଡକର ସନ୍ଦୀପ ସମ୍ପଦ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସମସ୍ତେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସଡ଼କ ସୁରକ୍ଷା ଶପଥପାଠ କରିଥିଲେ। ଜିଲାପାଳ ସମସ୍ତଙ୍କୁ ସଡ଼କ ସୁରକ୍ଷା ନିୟମ କଡ଼ାକଡ଼ି ପାଳନ କରିବା ଏବଂ ଅନ୍ୟମାନଙ୍କୁ ସଚେତନ କରାଇବା ପାଇଁ କହିଥିଲେ। ଶୋଭାଯାତ୍ରାରେ ରାଜା ଚୈତନ୍ୟ ଦେବ ନୋଡାଲ ହାଇସ୍କୁଲ ଛାତ୍ରୀଛାତ୍ର, ଆର୍‌ଟିଓ ଜିତେନ୍ଦ୍ର କୁମାର ଭୋଇ, ଡିଇଓ ଛତ୍ରପତି ସାହୁ, ସିଡିଏମ୍‌ଓ ସୁକାନ୍ତ ରାଉଳ, ଟ୍ରାଫିକ ଇନ୍ସପେକ୍ଟର ଓ ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ନବରଙ୍ଗପୁର ଡ୍ରାଇଭର ସଂଘ କର୍ମକର୍ତ୍ତା ସାମିଲ ହୋଇଥିଲେ। ସଚେତନତା ଉଦ୍ଦେଶ୍ୟରେ ବିଭିନ୍ନ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସ୍ଲୋଗାନ, ଲିଫ୍‌ଲେଟ ବଣ୍ଟନ କରାଯାଇଥିଲା।

# ଡାବୁଗାଁରେ ବିଧାୟକ କରିବେ ପତାକା ଉତ୍ତୋଳନ


ବୈଠକରେ ଅଧିକାରୀ, ବୁଦ୍ଧିଜୀବୀ ଓ ଜନପ୍ରତିନିଧି ଆଲୋଚନା କରୁଛନ୍ତି।

ଡାବୁଗାଁ, ୧୫।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

## ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ସାଧାରଣତନ୍ତ୍ର ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ବ୍ଲକ ଅଧ୍ୟକ୍ଷା ବୀଣା ମାଝୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଛି। ସାଧାରଣତନ୍ତ୍ର ଦିବସ ପାଳନ, ଏ ନେଇ ବିଭିନ୍ନ କମିଟି ଗଠନ, ଅତିଥି ଚୟନ ନେଇ ଆଲୋଚନା କରାଯାଇଛି। ୨୪ ତାରିଖରେ ପରେଡ଼ ଅଭ୍ୟାସ କରାଯିବ। ଜାନୁଆରୀ ୨୨ ତାରିଖ ଦିନ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବା ନେଇ ଆଲୋଚନା ହୋଇଥିଲା। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବେ ବୋଲି ବୈଠକରେ ସ୍ଥିର ହୋଇଛି। ଏହି ବୈଠକରେ ବିଡିଓ ସମୀର ପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଶୁଭାଶିଷ ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ଏବିଇଓ ସନ୍ତୋଷ ସାହୁ, ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଷୋୟୀ, ରାଜ୍ୟ ସଭା ସଦସ୍ୟଙ୍କ ପ୍ରତିନିଧି ରାମାରାଓ ଚୌଧୁରୀ, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ଏମ୍. ଆପ୍ପା ରାଓ, ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ଶୁଭଜିତ ପାଣିଗ୍ରାହୀ, ଡାବୁଗାଁ ମଣ୍ଡଳ ସଭାପତି ମନୋଜ ପାତ୍ର, ଆକାଂକ୍ଷା ବ୍ଲକ ସହଭାଗୀ ମୋନାଲ ପରିଡ଼ା, ଏସ୍ଆଇ ବିକ୍ରମ ସାହୁ, ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରୋହିତ କିଶାନ, ବନରକ୍ଷୀ ଅନିତା ହିଆଲ, ବିଶ୍ୱନାଥ ରାୟ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ମହାନ୍ତି, ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସନୌଜ ମହାପାତ୍ରଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଅମୂଲ୍ୟ ଦଳାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାମୂହିକ ବନ୍ଦେ ମାତରମ୍ ଗାନ

କୋରୁକୋଣ୍ଡା, ୧୫।୧ (ଶିବଦତ୍ତ ସାହୁ )


ଅତିଥିମାନେ ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମ୍ ଗାନ କରୁଛନ୍ତି।

ରାଷ୍ଟ୍ରୀୟ ସଙ୍ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ପାଳନ ଅବସରରେ ଗୁରୁବାର କୋରୁକୋଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ସାମୂହିକ ଭାବେ ବନ୍ଦେ ମାତରମ୍ ଗାନ କରାଯାଇଛି। ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କୋରୁକୋଣ୍ଡା ବ୍ଲକ ଏମ୍‌ପି ପ୍ରତିନିଧି ଅକ୍ଷୟ ବିଶ୍ୱାଳ, ମାଲକାନଗିରି ବିଧାୟକ ପ୍ରତିନିଧି ମୁୟା ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ବିନାୟକ ପାତ୍ର, କୋରୁକୋଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ଅସିତ ମିସ୍ତ୍ରି, ଲ୍ୟାମ୍ପସ ସଭାପତି ସାଲୁ ଖିଲ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନକରି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ କୋରୁକୋଣ୍ଡା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବହୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଓ ବ୍ଲକ ଅଧିନସ୍ଥ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଥିବା ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଥମେ ସାମୂହିକ ଭାବେ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ଏହି ଅବସରରେ କିଛି ଦିନ ପୂର୍ବରୁ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଷ୍ଟ୍ର ଗୀତ ବନ୍ଦେ ମତାରମକୁ ଆଧାର କରି ବକ୍ତୃତା, ସଂଗୀତ, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିବା ସହିତ ମାନପାତ୍ର ପ୍ରଦାନ କରିଥିଲେ। କୋରୁକୋଣ୍ଡା ବ୍ଲକର ସିପି ସତ୍ୟ ନାରାୟଣ ଦାସ ଏବଂ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରୀ କୁଞ୍ଜବିହାରୀ ପାଠାଗାରରେ ମକର ମିଳନ ଉତ୍ସବ

ନବରଙ୍ଗପୁର, ୧୫।୧
(ସଦାଶିବ ପ୍ରହରାଜ)

ନବରଙ୍ଗପୁର କୁଞ୍ଜବିହାରୀ ପାଠାଗାର ପରିସରରେ ପବିତ୍ର ମକର ସଂକ୍ରାନ୍ତି ଅବସରରେ ମକର ମିଳନ ତଥା ବ୍ୟାସ କବି ଫକୀର ମୋହନ ସେନାପତିଙ୍କ ଜନ୍ମତିଥି ବୁଧବାର ଅନୁଷ୍ଠିତ ହୋଇଛି। ସଭାପତି ଡ ରଘୁନାଥ ଶତପଥୀଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବକ୍ତାଭାବେ ସରୋଜ ତ୍ରିପାଠୀ ଯୋଗଦେଇ ମକର ମିଳନର ଉତ୍କର୍ଷତା ବିଷୟରେ ମତ ଦେଇଥିଲେ। ପୂର୍ବତନ ସଭାପତି ତଥା ବିଶିଷ୍ଟ ପ୍ରାବନ୍ଧିକ ନାରାୟଣ ପଣ୍ଡା „ ଫକୀର ମୋହନଙ୍କ ଜୀବନୀ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସଭାପତି ନିଜସ୍ୱ ଅଭିଭାଷଣରେ ତାଙ୍କର କିଛି କାଳଜୟୀ ରଚନା ସମ୍ପର୍କରେ ପ୍ରକାଶ




କରିଥିଲେ। ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଗୋପବନ୍ଧୁ ବିଷୋୟୀଙ୍କ ଆରୋଗ୍ୟ କାମନା କରି ସମୂହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। କବି ପର୍ଶୁରାମ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ହରପ୍ରସାଦ ଦାସ, ବନ୍ଦିତା କର, ଜାହ୍ନବୀ ପଣ୍ଡା, ହରିହର ନାୟକ, ପ୍ରଫୁଲ୍ଲ ପୁହାଣ, ପି. ରବିକାନ୍ତ, ଲକ୍ଷ୍ମୀପ୍ରସାଦ ବିଷୋୟୀ, ରଜନୀ ପାତ୍ର, ପର୍ଶୁରାମ ସାହୁ ସ୍ୱରଚିତ କବିତା ପାଠ କରିଥିଲେ। କଣ୍ଠଶିଳ୍ପୀ ସୁରେଶ ମିଶ୍ର ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବିଜୟ ଚୌଧୁରୀ, ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ନିରଞ୍ଜନ ମିଶ୍ର, ଡ ରାଧାନାଥ ବେହେରା, ରାମକୃଷ୍ଣ ପାତ୍ର, ସାନୁଜ ପାତ୍ର, ହୃଷିକେଶ ଦାଶ, ଇଂ. ସବ୍ୟସାଚୀ ବେହେରା, ଜଗନ୍ନାଥ ମହାପାତ୍ର, ଝରଣା ପଟ୍ଟନାୟକ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଅନୁଷ୍ଠାନ ସମ୍ପାଦକ ରଜନୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ

ନବରଙ୍ଗପୁର, ୧୫।୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ବ୍ଲକ ବଡ଼କୁମୁଲିରେ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ବୈକୁଣ୍ଠ ନାଥ ଜେନା ଓ ବିଦ୍ୟାଳୟ ପରିଚାଳନା କମିଟି, ପଞ୍ଚସଖା ଶିକ୍ଷାସେତୁ କମିଟି, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ପୁରାତନ ଛାତ୍ରୀଛାତ୍ର, ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି, ବିଡିଓ ସୁନିଲ ଖରା, ଏବିଇଓ ସୁରେନ୍ଦ୍ର ନାଥ ନାୟକ, ଏବିଇଓ ଜଗବନ୍ଧୁ ସୌରା, ସରପଞ୍ଚ ଚନ୍ଦ୍ରମା ଭତରା, ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକ୍ଷ୍ମଣ ଭତରା, ପଞ୍ଚସଖା ଶିକ୍ଷାସେତୁ କମିଟି ସଭାପତି ବାଳକୃଷ୍ଣ ମାଝୀ, ଏମ୍‌ପି ପ୍ରତିନିଧି ଜ୍ୟୋତି ରଞ୍ଜନ କଂସ, ଦେବଦାସ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷା ବ୍ୟବସ୍ଥାରେ ଉନ୍ନତୀକରଣ ଓ ସରକାରୀ ଯୋଜନା, ଗୁଣାତ୍ମକ ଶିକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ମୁଖ୍ୟ ଅତିଥି ମତ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ବିଦ୍ୟାଳୟ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ। ଜିଲାସ୍ତରରେ ଭାଗ ନେଉଥିବା ଛାତ୍ରୀଛାତ୍ର ଓ ପୁରାତନ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ସହଯୋଗ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ମଧୁସ୍ମିତା ମହାନ୍ତି ଓ ଛାତ୍ରୀ ସୋନାଲି ହରିଜନ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ପ୍ରଶିକ୍ଷକ ପ୍ରଣବ ବିଶ୍ୱାଳ, ଆନନ୍ଦ ପୂଜାରୀ, ଯୁଧିଷ୍ଠିର ସାହୁ ପ୍ରମୁଖ ସହଯୋଗ କରିଥିଲେ।


ଅତିଥିମାନେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ଷ୍ଟଲ ବୁଲି ଦେଖୁଛନ୍ତି।

# ମକର ମିଳନ, କବିତା ପାଠୋତ୍ସବ

ଉମରକୋଟ/ନବରଙ୍ଗପୁର, ୧୫।୧
(ସନ୍ତୋଷ ଶତପଥୀ/ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ଫକୀରମୋହନ ପଠନଶାଳାର ୧୮ତମ ବାର୍ଷିକ ଉତ୍ସବ ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ମକର ମିଳନ ଓ ବ୍ୟାସକବିଙ୍କ ଜୟନ୍ତୀ ମଧ ପାଳନ କରାଯାଇଛି। କାର୍ଯ୍ୟକ୍ରମକୁ ତହସିଲଦାର ମଘବାନ ବାଗ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ବାର୍ଷିକ ମୁଖପତ୍ର ସାରସ୍ୱତ ମୂଲ୍ୟବୋଧଭିତ୍ତିକ ଶିକ୍ଷା ବିଶେଷାଙ୍କ ସହ କବି ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଭଜନାବଳୀ 'ନୀଳକନ୍ଦରରେ ଶ୍ରୀଜଗନ୍ନାଥ', ଅବସରପ୍ରାପ୍ତ ଡ. ସୁରେନ୍ଦ୍ରନାଥ ଦାସଙ୍କ ଦୁଇଟି ଐତିହାସିକ ଉପନ୍ୟାସ 'ଏଣ୍ଟେବରେ ୯୦ ମିନିଟ୍' ଏବଂ 'ରକ୍ତଭିଜା ମେବାର ଏକ ଛିନ୍ନ ପୃଷ୍ଠା' ପୁସ୍ତକ ଲୋକାର୍ପଣ ହୋଇଛି। ଅନୁଷ୍ଠାନ ସମ୍ପାଦକ ପ୍ରଫୁଲ୍ଲ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଦସ୍ୟ ବଲ୍ଲଭ ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରାକ୍ତନ କୋରାପୁଟ ଜିଲାପାଳ ଗଦାଧର ପରିଡ଼ା ବରେଣ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଡ. ଅନିଲ ମିଶ୍ର, ଡ. ପ୍ରଦୀପ ମିଶ୍ର, ରାମଚନ୍ଦ୍ର ରାମ, ଅଧ୍ୟକ୍ଷା ନମିତା ମହାପାତ୍ର, ଟୁଟୁବାବୁ ପଟ୍ଟନାୟକ, ଶ୍ରୀନିବାସ ପଟ୍ଟନାୟକ, ସାଗର ପରିଡ଼ା ପ୍ରମୁଖ ଯୋଗଦେଇ ଫକୀରମୋହନ ସେନାପତିଙ୍କ ସ୍ମୃତିଚାରଣ କରିଥିଲେ। ନବରଙ୍ଗପୁର ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ କବି ସ୍ୱରଚିତ କବିତା ପାଠ କରି ସମ୍ବର୍ଦ୍ଧିତ ହୋଇଥିଲେ। କବିତା ପାଠୋତ୍ସବରେ ଅଧ୍ୟାପକ ଗୋପାଳ ମହାରଣା, ଅଧ୍ୟକ୍ଷ ପରିକ୍ଷିତ ସାହୁ, କବି ମନୋରମା ମହାପାତ୍ର, କେଦାରେଶ୍ୱର ପଟ୍ଟନାୟକ, ସମୀର ପ୍ରଧାନ, ମହାନନ୍ଦ ମହାଳିକ, ପ୍ରମୋଦ ରାହୁଳ ଉପସ୍ଥିତ ଥିଲେ। ନଗେନ୍ଦ୍ର ରାଉତ, ସ୍ୱାଗତିକା ସାହୁ, ସ୍ୱପ୍ନା ମହାନ୍ତି, ଶାନ୍ତିଲତା ମହାନ୍ତି, ପ୍ରଭାତୀ ଦେବନାଥ, ସୁଶୋଭିତା ମେରିଲିନ ମୁରୁକ, ସୁପ୍ରଭା ତ୍ରିପାଠୀ, ଦେବେନ୍ଦ୍ର ପ୍ରସାଦ ନାୟକ, ରାଜକିଶୋର ନାୟକ, ପ୍ରକାଶ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ନାଚନୀପୋଖନା ଜଙ୍ଗଲରେ ଶିବଲିଙ୍ଗ ପ୍ରତିଷ୍ଠା

ପାପଡ଼ାହାଣ୍ଡି, ୧୫।୧
(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ନାକଟିଗୁଡା, ପୁଞ୍ଜିଗୁଡା, କାଳିଆଗୁଡ଼ା ଗ୍ରାମର ମଧ ଭାଗରେ ନାଚନୀପୋଖନା ଅଞ୍ଚଳରେ ବାହାରିଥିବା ଶିବଲିଙ୍ଗଙ୍କୁ ଗୁରୁବାର ପ୍ରତିଷ୍ଠା କରାଯାଇଛି। ଏହି ଅସରରେ ଆଜି


ଶିବଲିଙ୍ଗ ପ୍ରତିଷ୍ଠା ଅବସରରେ ପୂଜାର୍ଚ୍ଚନା କରାଯାଉଛି।

ଅଞ୍ଚଳର ଲୋକ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ବିଧାୟକଙ୍କ ପ୍ରତିନିଧି ରଜନୀ କାନ୍ତ ସାସମଲ, ଶିବ ପ୍ରସାଦ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ।

ସୂଚନାନୁଯାୟୀ କାଳିଆଗୁଡ଼ା ଗ୍ରାମର ଚନ୍ଦ୍ର ଭତରାଙ୍କୁ ଡିସେମ୍ବର ୨୬ରେ ଶିବଲିଙ୍ଗ ଥିବା ନେଇ ସ୍ୱପ୍ନାଦେଶ ହୋଇଥିଲା। ପର ଦିନ ସକାଳୁ ଉଠି ନାଚନୀପୋଖନା ଜଙ୍ଗଲ ଯାଇଥିଲେ। ସେଠାରେ ବେଲପତ୍ର ତୋଳିବା ସମୟରେ ସେ ଶିବଲିଙ୍ଗ ଦେଖିବାକୁ ପାଇଥିଲେ। ପାଖରେ ଥିବା ଲକ୍ଷଣ ଭତରାଙ୍କ ଦେଖାଇବା ପରେ ଦୁହେଁ ଗଛ ପତ୍ର ସଫା କରି ସେହି ସ୍ଥାନ ଖୋଳିବା ପରେ ଶିବଲିଙ୍ଗଙ୍କ ଦର୍ଶନ ପାଇଥିଲେ। ଅଞ୍ଚଳବାସୀ ଖବରପାଇ ସେଠାରେ ପହଞ୍ଚି ଜଙ୍ଗଲ ସଫା କରିବା ସହ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ମିଞ୍ଜା, ସୁନାଡଙ୍ଗରି, ପାପଡ଼ାହାଣ୍ଡି, ପୁଞ୍ଜିଗୁଡା, କାଳିଆଗୁଡା, ନାକଟିଗୁଡ଼ା ଗାଁରୁ ଶ୍ରଦ୍ଧାଳୁ ସେଠାରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ଏହି ନାଚନିପୋଖାନା ଜଙ୍ଗଲକୁ ଯିବା ପାଇ କୌଣସି ରାସ୍ତା ନାହିଁ। ଶିବଲିଙ୍ଗ ଯେଉଁ ସ୍ଥାନରେ ଆର୍ବିଭାବ ହୋଇଛନ୍ତି ସେହି ସ୍ଥାନରେ ବେଲଗଛ ଭରି ରହିଛି। ଲୋକେ ଉକ୍ତ ସ୍ଥାନକୁ ସ୍ଥାନକୁ ପାର୍ବତୀ ନାମରେ ନାମିତ କରିଛନ୍ତି।

# ଅଣ୍ଡରପାସ୍ ରାସ୍ତା ନେଇ ଡିପିଆର ପ୍ରସ୍ତୁତ

ପାପଡ଼ାହାଣ୍ଡି, ୧୫।୧ (ସ୍ୱପ୍ନଜିତ ପଟ୍ଟନାୟକ)


ବିଧାୟକଙ୍କ ସହ ଅଧିକାରୀମାନେ।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଡେଙ୍ଗାଗୁଡ଼ା ପଞ୍ଚାୟତ ଖର୍କି ଦେଇ ଯାଇଥିବା ଭାରତ ମାଳା ରାସ୍ତାରେ ଅଣ୍ଡରପାସ୍ ରାସ୍ତା ନେଇ ଗୁରୁବାର ଡିପିଆର ପ୍ରସ୍ତୁତ କରାଯାଇଛି। ବାଇପାସ୍ ରାସ୍ତା ବ୍ରିଜ ସଂଖ୍ୟା ୨୨୫/୭ରେ ଏହା ନିର୍ମାଣ କରାଯିବ। ଘଟଣାସ୍ଥଳରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ବିଧାୟକଙ୍କ ପ୍ରତିନିଧି ରାଜନୀକାନ୍ତ ସାସ୍‌ମଲ, ଶିବପ୍ରସାଦ ଅଗ୍ରୱାଲ, ଏନ୍‌ଏଚ୍‌ଏଆଇ ଡେପୁଟି ମ୍ୟାନେଜର ବରୁଣ କୁମାର, ଉପଜିଲାପାଳ ପ୍ରକାଶ ମିଶ୍ର, ସାଇଟ୍ ମ୍ୟାନେଜର ଅମିତେଶ ସାହା, ପାପଡ଼ାହାଣ୍ଡି ତହସିଲଦାର ତପନ ନାୟକ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଡିପିଆର ପ୍ରସ୍ତୁତ କରାଯାଇଥିଲା।

ସୂଚନା ପ୍ରକାରେ ଖର୍କି ଗ୍ରାମର ଲୋକେ ଭାରତମାଳା ରାସ୍ତା ନିର୍ମାଣ ଦିନରୁ ଅଣ୍ଡରପାସ୍ ରାସ୍ତା ପାଇଁ ବହୁ ସମସ୍ୟା ହେଉଥିଲା। ଏନେଇ ଗ୍ରାମବାସୀ ବହୁ ସରକାରୀ କାର୍ଯ୍ୟାଳୟକୁ ଯାଇ ଥକିଯାଇଥିଲେ। ଭାରତମାଳା ରାସ୍ତା ଖର୍କି ଗ୍ରାମ ଦେଇ ଯାଉଛି। ଗ୍ରାମର ଜନବସତି ରାସ୍ତାର ଏକ ପାଖରେ ଥିବା ବେଳେ ରାସ୍ତାର ଅନ୍ୟ ପାଖରେ ଚାଷଜମି ରହିଛି। ଚାଷଜମି ଯିବାକୁ ବାଇପାସ୍ ରାସ୍ତା ବ୍ରିଜ ସଂଖ୍ୟା ୨୨୫/୭ ନିର୍ମାଣ କରାଯାଇଥିଲା। କିନ୍ତୁ ସେହି ବ୍ରିଜ ତଳେ ତିନି ଫୁଟ ମାଟି ରହିଯାଉଥିଲା ଏବଂ ତତ୍ ସଙ୍ଗେ ପାଣି ଚାରିଫୁଟ ରହିଯାଉଥିଲା। ଯାହାଫଳରେ ଗ୍ରାମବାସୀ ସେମାନଙ୍କ ଜମିକୁ ଯାଇପାରୁନଥିଲେ। ଚାଷଜମିକୁ ଯିବାକୁ ହେଲେ ୭ କିଲୋମିଟର ବୁଲିବାକୁ ପଡୁଥିଲା, ଯାହାକୁ ନେଇ ଅସୁବିଧା ହେଉଥିଲା। ଏ ନେଇ ବାରମ୍ବାର ପ୍ରଶାସନକୁ ଜଣାଇବା ସହ ରାସ୍ତାରୋକୋ ଓ ପ୍ରତିବାଦ କରାଯାଉଥିଲା। ସମସ୍ୟାର ସ୍ଥାୟୀ ସମାଧାନ, ଅଣ୍ଡରପାସ୍‌ରେ ନାଳ ଏବଂ ଆଗାମୀ ଭବିଷ୍ୟତରେ କୌଣସି ସମସ୍ୟା ରହିବ ନାହିଁ ବୋଲି ଏନ୍‌ଏଚ୍‌ଏଆଇ ଡେପୁଟି ମ୍ୟାନେଜର ବରୁଣ କୁମାର କହିଥିଲେ। ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ୧୦ ଜୁଆଡ଼ି ଗିରଫ

ଜୟପୁର, ୧୫।୧ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ପାରାବେଡ଼ା ଶତ୍ୟଅଧିକାରୀ ଛକରେ ଜୁଆଖେଳ ବେଳେ ବୁଧବାର ରାତିରେ ଜୟପୁର ଟାଉନ ପୋଲିସ ଚଢ଼ାଉ କରିଛି। ଜୁଆଖେଳ ଚାଲିଥିବା ନେଇ ଜୟପୁର ଟାଉନ ପୋଲିସ ବୁଧବାର ରାତି ପ୍ରାୟ ୯ଟାରେ ଖବରପାଇ ସେଠାରେ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ୧୦ ଜଣକୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୩୮,୫୦୦ ଟଙ୍କା ଜବତ କରାଯାଇଥିବା ପୋଲିସ ସୂଚନା ଦେଇଛି।

### ଶତାୟୁ କମ୍ୟୁନିଷ୍ଟ ନେତାଙ୍କ ପରଲୋକ

ଜୟପୁର, ୧୫।୧ (ପବନ ପାଣିଗ୍ରାହୀ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରାକ୍ତନ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ, ଅଖିଳ ଭାରତ କୃଷକ ସଭା ରାଜ୍ୟ ସଭାପତି ତଥା ବିଶିଷ୍ଟ ସାହିତ୍ୟିକ ସୋମନାଥ ପାତ୍ରଙ୍କ ୧୦୨ ବର୍ଷ ବୟସରେ ଗୁରୁବାର ସକାଳେ ପରଲୋକ ହୋଇଯାଇଛି। ଜଣେ ପ୍ରବୀଣ ବକ୍ତା ତଥା ଉତ୍କୃଷ୍ଟ ସାହିତ୍ୟ ରଚୟିତା ହିସାବରେ ସେ ଓଡ଼ିଶାରେ ପରିଚିତ। ଗୀତା ବିଚାର ଭଳି ପୁସ୍ତକ ରଚନା କରି ମହାଭାରତ ଗ୍ରନ୍ଥରୁ କିଭଳି ଶିକ୍ଷା ମିଳେ, ଦୁର୍ବଳଙ୍କୁ ସାହାଯ୍ୟ କରିବା ଏବଂ ନ୍ୟାୟ ଦେବା ହେଉଛି ଧର୍ମ ବୋଲି ତାକୁ ଉକ୍ତ ଗ୍ରନ୍ଥରେ ସେ ପ୍ରତିପାଦିତ କରିଛନ୍ତି। ତାଙ୍କ ମୃତ୍ୟୁ ପରେ ଜୟପୁରସ୍ଥିତ ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନରେ କୃଷକ ସଭାର ନେତା ଯୁଧିଷ୍ଠିର ରାଉଳଙ୍କ ସଭାପତିତ୍ୱରେ ଏକ ଶୋକସଭା କରାଯାଇଥିଲା। ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି, ଜିଲା ସମ୍ପାଦକ ରାମକୃଷ୍ଣ ଦାସ, ଭୁବନ କୁମାର, ସୁବାସ ବେହେରା, ଭାସ୍କର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶୋକ ବ୍ୟକ୍ତ କରିଛନ୍ତି।

### ଉତ୍କଳ ସମ୍ମିଳନୀ କୋରାପୁଟ ଶାଖା ବୈଠକ

ଫେବୃଆରୀ ୨୮, ମାର୍ଚ୍ଚ ୧ରେ ଉତ୍କଳ ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନ

ଜୟପୁର, ୧୫।୧ (ପବନ ପାଣିଗ୍ରାହୀ)

ଉତ୍କଳ ସମ୍ମିଳନୀ କୋରାପୁଟ ଜିଲା ଶାଖାର ଏକ ସ୍ୱତନ୍ତ୍ର ବୈଠକ ଗୁରୁବାର ଖାଲସାହି ହରିଶ୍ଚନ୍ଦ୍ର ପାର୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତିଙ୍କ ଅନୁପସ୍ଥିତି ନେଇ ସମ୍ପାଦକଙ୍କ ପ୍ରସ୍ତାବ କ୍ରମେ ଏଥିରେ ଜିଲା ଶାଖା ଉପସଭାପତି ରାଜେନ୍ଦ୍ର କୁମାର ଗୌଡ ସଭାପତିତ୍ୱ କରିଥିଲେ। ବୈଠକରେ ସାତୋଟି ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ଜୟପୁରରେ ଆସନ୍ତା ଫେବୃଆରୀ ୨୮ ଏବଂ ମାର୍ଚ୍ଚ ୧ରେ ହେବାକୁ ଥିବା ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନକୁ କିଭଳି ଶୃଙ୍ଖଳିତ ଏବଂ ସୁସଙ୍ଗଠିତ କରାଯିବ ସେ ନେଇ ଆଲୋଚନା ହୋଇଛି। ଏ ନେଇ ବିଭିନ୍ନ ସ୍ଥାନକୁ ପତ୍ର ପ୍ରେରଣ, ଅତିଥିଙ୍କ ପାଇଁ ଆତିଥେୟତା ବ୍ୟବସ୍ଥା, ସଭ୍ୟ ସଂଗ୍ରହ ଉପରେ ଆଲୋଚନା କରାଯାଇଥିଲା। ଶାଖାର ବ୍ୟାଙ୍କ ଆକାଉଣ୍ଟ ସୁପରିଚାଳନା ପାଇଁ ସମ୍ପାଦକ କ ନବୀନ ମାଦଲାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଅଧିବେଶନ ପାଇଁ ଲେଟେର୍ ପ୍ୟାଡ୍ ଉନ୍ମୋଚନ କାର୍ଯ୍ୟ ଅର୍ପଣ କରାଯାଇଥିଲା। ବୈଠକରେ ରାଜ୍ୟ ପରିଷଦ ସଦସ୍ୟ ସୂର୍ଯ୍ୟ ନାରାୟଣ ରଥ, ବାଲା ରାୟ, ସଙ୍ଗଠନ ସମ୍ପାଦକ କବିରାଜ ପରମେଶ୍ୱର ପାତ୍ର, ଚନ୍ଦ୍ରମଣି ବାରିକ, କୃଷ୍ଣଚନ୍ଦ୍ର ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ ଚନ୍ଦ୍ରକାନ୍ତ ସୁତାର ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ସାରିବାକୁ ନିର୍ଦ୍ଦେଶ

**କୋରାପୁଟରେ ଦିଶାରେ ବୈଠକ**

■ଜାତୀୟ ରାଜପଥ, ସାମାଜିକ ସୁରକ୍ଷା ବିଭାଗ କାର୍ଯ୍ୟକୁ ନେଇ ଅସନ୍ତୋଷ

କୋରାପୁଟ, ୧୫।୧ (ଅମିତାଭ ବେହେରା)



ବୈଠକରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା, ଜିଲାପାଳ, ଅନ୍ୟ ଅଧିକାରୀ ଓ ଜନପ୍ରତିନିଧିମାନେ ଆଲୋଚନା କରୁଛନ୍ତି।

କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହ କକ୍ଷରେ ଗୁରୁବାର କୋରାପୁଟ ଏମ୍‌ପି ସପ୍ତଗିର ଉଲାକାଙ୍କ ଅଧ୍ୟକ୍ଷତାରେ ଦିଶା ବୈଠକ ଅନୁଷ୍ଠିତ ହୋଇଛି। ଜିଲାରେ କାର୍ଯ୍ୟକାରି ହେଉଥିବା ସାମାଜିକ ସୁରକ୍ଷା ଓ ଜାତୀୟ ରାଜପଥ କାର୍ଯ୍ୟକୁ ନେଇ କୋରାପୁଟ ଏମ୍‌ପିଙ୍କ ସମେତ ଉପସ୍ଥିତ ସମସ୍ତ ବିଧାୟକ ଅସନ୍ତୋଷ ପ୍ରକାଶ କରିଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସାରିବାକୁ ସମସ୍ତ ବିଭାଗକୁ ଏମ୍‌ପି ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ସାମାଜିକ ସୁରକ୍ଷା ବିଭାଗ ଉପରେ ଆଲୋଚନା କରାଯାଇଥିଲା। ଜିଲାରେ ବିଭିନ୍ନ ଯୋଜନାର ଅନେକ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ମିଳୁନି। ଭତ୍ତା ନ ପାଇ କେତେଜଣ ଯୋଗ୍ୟ ହିତାଧିକାରୀ ଅଛନ୍ତି ବୋଲି ଏମ୍‌ପି ପ୍ରଶ୍ନ କରିଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ତାହାର ଠିକ ତଥ୍ୟ ଦେଇପାରି ନ ଥିଲେ। ଏହାକୁ ନେଇ ଜନ ପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଠିକ ତଥ୍ୟ ପ୍ରଦାନ ଏବଂ ଯୋଗ୍ୟ ହିତାଧିକାରୀମାନଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ଜିଲାରେ କେତେ ଅଙ୍ଗନୱାଡି କେନ୍ଦ୍ରର ଗୃହ ନାହିଁ, କେତେ ଗୃହରେ ବିଦ୍ୟୁତ୍ ଜଳ ଯୋଗାଣ ହୋଇନାହିଁ ଏବଂ ଶିଶୁମାନଙ୍କୁ ଦିଆଯାଉଥିବା ଖାଦ୍ୟ ଉପରେ ପ୍ରଶ୍ନ କରିଥିଲେ। ଏ ନେଇ ଭାରପ୍ରାପ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦେଇଥିବା ତଥ୍ୟକୁ ଜନ ପ୍ରତିନିଧିମାନେ ଭୁଲ୍ ବୋଲି କହିଥିଲେ। କେନ୍ଦ୍ରଗୁଡିକରେ ପାଣି, ବିଦ୍ୟୁତ୍ ସଂଯୋଗ ଏବଂ ଗୃହ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଆସିଥିବା ୪ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ତୁରନ୍ତ କାର୍ଯ୍ୟ ସାରିବାକୁ ଭାରପ୍ରାପ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୋରାପୁଟ ଜିଲା ଦେଇ ଯାଇଥିବା ୨୬ ନଂ ଓ ୩୨୬ ନଂ ଜାତୀୟ ରାଜପଥ କାର୍ଯ୍ୟ ତୁରନ୍ତ କରିବାକୁ ଦାବି ହୋଇଛି। ବିଭିନ୍ନ ସ୍ଥାନରେ ଜାତୀୟ ରାଜପଥ ମରଣଜନ୍ତା ପାଲଟିଛି। ବିଭାଗୀୟ ଅଧିକାରୀ ଏ ଦିଗରେ ଦୃଷ୍ଟି ଦେଉନଥିବା ନେଇ ଏମ୍‌ପି କ୍ଷୋଭ ପ୍ରକାଶ କରିଥିଲେ। ଏଥିସହ ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, ଜଳବିଭାଜିକା, ଜିଲ ମଙ୍ଗଳ ବିଭାଗ, ଶ୍ରମବିଭାଗ ଆଦି ବିଭିନ୍ନ ବିଭାଗ ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଏହି ବୈଠକବରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ, ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡମ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲା ମୁଖ୍ୟ ଉନୟନ ଅଧିକାରୀ ବେଣୁଧର ଶବରଙ୍କ ସମତେ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବସୁଧା ଯୋଜନା ଫେଲ୍, ପାନୀୟ ଜଳରୁ ବଞ୍ଚିତ ଗ୍ରାମବାସୀ

ଦଶମନ୍ତପୁର, ୧୫।୧ (ଅରବିନ୍ଦ ନାୟକ)


ଭାଙ୍ଗି ରହିଥିବା ଷ୍ଟାଣ୍ଡ ପୋଷ୍ଟ।

ସରକାର ଦୁର୍ଗମାଞ୍ଚଳବାସୀଙ୍କ ପାନୀୟ ଜଳ ସଙ୍କଟକୁ ନଜରରେ ରଖି ବସୁଧା ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ପ୍ରତ୍ୟେକ ଗ୍ରାମବାସୀଙ୍କ ଘରକୁ ପାନୀୟ ଜଳ ଯୋଗାଇବା ବ୍ୟବସ୍ଥା ରହିଛି। କିନ୍ତୁ ଏହି ଯୋଜନା କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଚଣାବାଡ଼ ସଦର ପଞ୍ଚାୟତ ଆଦିବାସୀ ସାହିବାସୀଙ୍କ ପାଇଁ ବ୍ୟତିକ୍ରମ ପାଲଟିଛି। ସାହିବାସୀ ଏଥିରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି।

ଉକ୍ତ ଆଦିବାସୀ ସାହିରେ ୬୦ ପରିବାରର ୩୦୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା। ଏଠାରେ ୨ଟି ନଳକୂପ ରହିଛି। ତେବେ ଏଠାରେ ପାନୀୟ ଜଳ ସମସ୍ୟାକୁ ଦୃଷ୍ଟିରେ ରଖି ସରକାର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ହଳଦୀ ମାଳିଚିରା ନାମକ ସ୍ଥାନରେ ୪୦ ଲକ୍ଷ ବ୍ୟୟରେ ବସୁଧା ଯୋଜନାରେ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। କିନ୍ତୁ ବର୍ଷେ ହେବ ପାନୀୟ ଜଳ ଯୋଗାଣରୁ ବଞ୍ଚିତ ଥିବା ସାହିବାସୀ ଅଭିଯୋଗ କରିଛନ୍ତି। ବସୁଧା ଯୋଜନାରେ ପାଣି ଆସୁନଥିବା ବେଳେ ପୋତା ଯାଇଥିବା ପାଇପ୍ ଏବଂ ଷ୍ଟାଣ୍ଡପୋଷ୍ଟ ଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଗାଁରେ ଥିବା ସୋଲାର ପମ୍ପ ମଧ୍ୟ ନିର୍ମାଣ ହେବାର କିଛି ମାସ ମଧ୍ୟରେ ହିଁ ଅଚଳ ହୋଇ ପଡ଼ିଥିବା ମହିଳାମାନେ କହିଛନ୍ତି। ବସୁଧା ଜଳ ଯୋଗାଇଦେବା ପାଇଁ ପଞ୍ଚାୟତଠାରୁ ଆରମ୍ଭ କରି ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଏବଂ ବିଡିଓଙ୍କୁ ଜୁହାରି କଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଗାଁର ଲକ୍ଷ୍ମୀ ଜାନୀ, ଡୁମୁରୀ ଜାନି, ଲକ୍ଷ୍ମୀ ନାଗ, ରଶ୍ମି ମୁଦୁଲି, ଯମୁନା ନାଗ, ଗୋମତି ନାଗ, ନିନା ଜାନି, ଚଞ୍ଚଳା ଜାନି, କୁନି ଜାନି, କମଳା ମୁଦୁଲି ପ୍ରମୁଖ ଅଭିଯୋଗ କରିଛନ୍ତି। ବସୁଧା ଯୋଜନାରେ ଟାଙ୍କି ମରାମତି ପାଇଁ ମଧ୍ୟ କିଛି ଅର୍ଥ ଆସିଥିଲେ ହେଁ କୌଣସି ଫଳ ମିଳୁନଥିବା ପମ୍ପଚାଳକ ସୁକାନ୍ତି ନାୟକ କହିଛନ୍ତି। ସମସ୍ୟା ସମାଧାନ ନ ହେଲେ ରାସ୍ତା ଅବରୋଧ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ବିଡିଓ ସିଦ୍ଧେଶ୍ୱରନାୟକଙ୍କୁ ପଚାରିବାରୁ ଶୁକ୍ରବାର ଆର୍‌ଡବ୍ଲ୍ୟୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀଙ୍କୁ ଗାଁକୁ ପଠାଇ ସ୍ଥିତି ଅନୁଧ୍ୟାନ କରାଯିବ। ତାଙ୍କ ରିପୋର୍ଟ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ବିଡିଓ କରିବେ ପତାକା ଉତ୍ତୋଳନ


ବୈଠକରେ ଆଲୋଚନା କରାଯାଉଛି।

ନନ୍ଦପୁର, ୧୫।୧ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଗୁରୁବାର ପ୍ରସ୍ତୁତି ବୈଠକ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ଲୁଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବିଡିଓ ଦୁର୍ଗା ପ୍ରସାଦ ଦୋରା, ବ୍ଲକ ସହକାରୀ ଶିକ୍ଷାଧିକାରୀ ମମତାଜ ଗମାଙ୍ଗ, ଏମ୍‌ପିଙ୍କ ପ୍ରତିନିଧି ଗୋପାଳ ମାଟାମ, ବିଧାୟକ ପ୍ରତିନିଧି କାମେସ କାମୁଡି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ଶେଖ୍ ଗଫୁର, ଜୟରାମ ଭୋଇ, ବିଭିନ୍ନ ବିଭାଗ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ, ଗ୍ରାମର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସର୍ବସମ୍ମତି କ୍ରମେ ସାଧାରଣତନ୍ତ୍ର ଦିବସ ପାଳନର ରୂପରେଖା ପ୍ରସ୍ତୁତ ହୋଇଥିଲା। ବ୍ଲକ ସଦର ମହକୁମାରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ ଗୀତ ପ୍ରତିଯୋଗିତା ଆୟୋଜନ କରାଯିବ। ସମସ୍ତ ବିଦ୍ୟାଳୟ ଛାତ୍ରୀଛାତ୍ର, ଏନ୍‌ସିସି ଓ ଜେଆର୍‌ସି କ୍ୟାଡେଟ ପରେଡରେ ଭାଗ ନେବେ। ଏହା ପାଇଁ ପ୍ରସ୍ତୁତ ହେବାକୁ ହାଇସ୍କୁଲ ପଡ଼ିଆରେ କ୍ରୀଡା ଶିକ୍ଷକଙ୍କଠାରୁ ୨୨ ଓ ୨୪ ତାରିଖ ପ୍ରଶିକ୍ଷଣ ନେବେ। ନନ୍ଦପୁର ପଞ୍ଚାୟତ ଅଧିକାରୀ ରାଜଦାଣ୍ଡ ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥଳ ସଫେଇ ଦାୟିତ୍ୱ ତୁଲାଇବେ। ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନରେ ସକାଳ ୭ଟା ୩୦ ସୁଦ୍ଧା ପତାକା ଉତ୍ତୋଳନ କରାଯିବ। ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କୁ ଧରି ବ୍ଲକସ୍ତରୀୟ ସର୍ବସାଧାରଣ ପତାକା ଉତୋଳନ ସ୍ଥଳ ହାଇସ୍କୁଲ ପଡ଼ିଆରେ ପହଞ୍ଚିବେ। ୭ଟା୩୦ରୁ ୮ଟା ୧୫ରେ ବ୍ଲକ ସଦର ମହକୁମାରେ ସ୍ଥାପିତ ମହାତ୍ମା ଗାନ୍ଧି, ନେତାଜୀ, ଆମ୍ବେଦକର ଓ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ୮ଟା ୩୦ରେ ବିଡିଓ ଦୁର୍ଗା ପ୍ରସାଦ ଦୋରା ଅତିଥିଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ କରିବେ। ସେଠାରେ ପରେଡ ପ୍ରତିଯୋଗିତା, ଫ୍ୟାନସି ଡ୍ରେସ ଓ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା କରାଯିବ। ନନ୍ଦପୁର ଏସଡିପିଓଙ୍କ ନେତୃତ୍ୱାଧୀନ ପୋଲିସ ଦଳ ପରେଡ ବିଚାରକ ଦାୟିତ୍ୱ ତୁଲାଇବେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ, ସଂଗ୍ରାମୀ ପରିବାରକୁ ସମ୍ବର୍ଦ୍ଧନା ଓ ମିଷ୍ଟାନ ବଣ୍ଟନ କରାଯିବା ନେଇ ସ୍ଥିର ହୋଇଛି।

## ଖୋଲାମେଲାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

ନନ୍ଦପୁର/ପାଡୁଆ, ୧୫।୧ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ଆନ୍ଧ୍ର ସୀମାନ୍ତ ଚାଟୁଆ ପଞ୍ଚାୟତ ମାଣ୍ଡିପଦର ଗ୍ରାମରେ ୨ଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖୋଲାରେ ରହିଛି। ହାତ ପାଖରେ ଜୀବନ୍ତ ବିଦ୍ୟୁତ୍ ଖୋଲା ମେଲାରେ ଥିବାରୁ ପାର୍ଶ୍ୱରେ ଚଳପ୍ରଚଳ କରୁଥିବା ଶିଶୁ ଓ ଗାଈ ଏହା ସଂସ୍ପର୍ଶରେ ଆସିବା ଦୁର୍ଘଟଣା ଘଟିବା ଆଶଙ୍କା ଥିବା ଗ୍ରାମର ଗଣେଶ ଖିଲ, ରାମଚନ୍ଦ୍ର ଜାଲା, ଜଳନ୍ଧର ଖିଲ, ବ୍ରହ୍ମାନନ୍ଦ ଜାଲା, ବଳରାମ ଖିଲ, ପ୍ରତାପ ଖିଲ, ଭୀମସେନ ଗୋଲରି, ପର୍ଶୁରାମ ଗୋଲରି ପ୍ରମୁଖ ଅଭିଯୋଗ କରିଛନ୍ତି। ସମିତିସଭ୍ୟ କୃଷ୍ଣଚନ୍ଦ୍ର ପାଙ୍ଗି ପଞ୍ଚାୟତର ୪୦ ଗ୍ରାମରେ ସ୍ଥାପିତ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଗୁଡ଼ିକ ସମାନ ସ୍ଥିତିରେ ରହିଥିବା କହିଛନ୍ତି। ଅଧିକାଂଶ ବିଦ୍ୟୁତ୍ ଟ୍ରାନସଫର୍ମର ଶିକ୍ଷାନୁଷ୍ଠାନ ପାର୍ଶ୍ୱ, ଗ୍ରାମ ସଦର ଦାଣ୍ଡ, ଗାଁ ଖେଳପଡିଆ ଓ ବଜାର ନିକଟରେ ସ୍ଥାପନ ହୋଇଥିବାରୁ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି କିଛି ଦୁର୍ଘଟଣା ଘଟିପାରେ ବୋଲି ଗ୍ରାମବାସୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ଟ୍ରାନ୍ସଫର୍ମରଗୁଡ଼ିକର



ଚାରିପାର୍ଶ୍ୱରେ ସୁରକ୍ଷା ପାଚେରୀ ନିର୍ମାଣ କରିବାକୁ ବିଦ୍ୟୁତ୍ କର୍ମଚାରୀଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ତେଣୁ ବ୍ଲକ, ଜିଲା ଓ ରାଜ୍ୟ ପ୍ରଶାସନ ସମେତ ବିଦ୍ୟୁତ୍ ବିତରଣ ପରିଚାଳନା କରୁଥିବା ଟିପି ଏସ୍‌ଓଡିଏଲ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସୁରକ୍ଷା ପାଚେରୀ ନିର୍ମାଣ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ଭାରତୀୟ ସେନା ଦିବସ ପାଳିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଏନ୍‌ସିସି କ୍ୟାଡେଟ୍‌ମାନେ।

ଜୟପୁର, ୧୫।୧ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର ଭାରତୀୟ ସେନା ଦିବସ ପାଳିତ ହୋଇଯାଇଛି। ଏହି ଦିନଟି ଭାରତୀୟ ସେନାଙ୍କ ସାହସ, ବଳିଦାନ ଓ ଦେଶପ୍ରେମକୁ ଉଜ୍ଜୀବିତ କରେ ବୋଲି ଏନ୍‌ଏସ୍‌ଏସ୍ କ୍ୟାଡେଟ୍‌ମାନେ କହିଛନ୍ତି। ଭାରତୀୟ ସେନା ଶୀତ, ତପ୍ତ ମରୁଭୂମି, ଘନ ଜଙ୍ଗଲ ଓ ଉଚ୍ଚ ପାହାଡ଼ରେ ରହି ସେମାନେ ଦେଶର ସୀମାକୁ ସୁରକ୍ଷିତ କରନ୍ତି। ଯବାନମାନେ କେବଳ ଯୋଦ୍ଧା ନୁହନ୍ତି, ସେମାନେ ଆମ ପାଇଁ ପ୍ରେରଣା ବୋଲି ମତ ପ୍ରକାଶ ପାଇଥିଲା। ଭାରତୀୟ ସେନାଙ୍କୁ ତାଙ୍କ ବୀରତ୍ୱ ଓ ତ୍ୟାଗ ପାଇଁ ସାଲ୍ୟୁଟ୍ ପ୍ରଦାନ କରାଯାଇଥିଲା। ଲ୍ୟୁଟ୍‌ନାଣ୍ଟ ସନ୍ତୋଷିନୀ ମୁଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ୟୁଓ ଶୀତଳ ନନ୍ଦା ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ

କୋରାପୁଟ, ୧୫।୧ (ଅମିତାଭ ବେହେରା)

କୋରାପୁଟ ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ କୋରାପୁଟସ୍ଥିତ ପରବ ପଡ଼ିଆରେ ଗୁରୁବାର ଜିଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଡିଇଓ କରୁଣାକର ଭୁଏ ଅତିଥିଙ୍କୁ ସ୍ୱାଗତ କରିଥିଲେ। କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲ୍ଲାକା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ସୃଜନଶୀଳତା ପ୍ରସ୍ଫୁଟିତ କରାଯାଇପାରିବ ବୋଲି ସେ କହିଛନ୍ତି। କୋରାପୁଟ ଛାତ୍ରୀଛାତ୍ର ଆଗାମୀ ଦିନରେ ଆୟୋଜିତ ରାଜ୍ୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବରେ ଭଲ ପ୍ରଦର୍ଶନ କରି କୋରାପୁଟର ଟେକ ରଖିବେ ବୋଲି ଏମ୍‌ପି କହିଥିଲେ। ସମ୍ମାନିତ ଅତିଥି ଭାବେ ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ନବରଙ୍ଗପୁର ଏମ୍‌ପିଙ୍କ ପ୍ରତିନିଧି ରାମେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ରହିଥିବା ଅନ୍ତର୍ନିହିତ ବୈଜ୍ଞାନିକ ଚିନ୍ତାଧାରାର ପରିପ୍ରକାଶ ହୋଇ ପାରିବ ବୋଲି ସେମାନେ କହିଥିଲେ। କସ୍ତୁରବା ଗାନ୍ଧବାଳିକା ବିଦ୍ୟାଳୟର ଛାତ୍ରୀମାନେ ସତନ୍ତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଡିଇଓ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ମତ ଦେଇଥିଲେ। ଅତିଥିଙ୍କ ଦ୍ୱାରା ଉତ୍ସବରେ ଖୋଲା ଯାଇଥିବା ପାଭିଲିଆନକୁ ଉଦ୍‌ଘାଟନ କରାଯାଇଥିଲା। ଏହି ଉତ୍ସବରେ ତିନୋଟି ପାଭିଲିଆନ ଇନସପ୍ୟାରିଙ୍ଗ ଓଡିଶା, ଛାତ୍ର ଛାତ୍ରୀଙ୍କ ପ୍ରତିଭା ଗ୍ୟାଲେରୀ, ପିଏମ୍‌ଶ୍ରୀ ବ୍ୟବସାୟିକ ସମ୍ମିଳନୀ କରାଯାଇଥିଲା। କୋରାପୁଟ ଜିଲାର ୧୯ ପିଏମ୍‌ଶ୍ରୀ ବିଦ୍ୟାଳୟରୁ ୧୦୦୫ ବିଦ୍ୟାର୍ଥୀ ଏଥିରେ ଯୋଗଦେଇ ଥିଲେ।

## ଆର୍‌ଏସ୍‌ଏସ୍ ପାଳିଲା ମକର ଉତ୍ସବ

ଜୟପୁର, ୧୫।୧ (ପବନ ପାଣିଗ୍ରାହୀ)

ଆର୍‌ଏସ୍‌ଏସ୍ ପକ୍ଷରୁ ଜୟପୁର ନଗରସ୍ତରୀୟ ମକର ସଂକ୍ରାନ୍ତି ଉତ୍ସବ ଜୟପୁର କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ପ୍ରସାଦରାଓ ପେଟା ପୂର୍ବତନ କାଉନସିଲର ଏ. ଶ୍ରୀନିବାସ ରାଓ, ସଂଘ ଚାଳକ ଡ.ନିରଞ୍ଜନ ମିଶ୍ର, ନଗର କାର୍ଯ୍ୟବାହ ଡ. ମନୋରଞ୍ଜନ ପ୍ରଧାନ ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ଭାରତ କୁମାର ପଣ୍ଡା ଉପସ୍ଥିତ ଥିଲେ। ସାମୁହିକ ଗୀତ ପରେ ଧ୍ୱଜାରୋପଣ, ଅମୃତ ବଚନ ଓ ବ୍ୟକ୍ତିଗତ ଗୀତ ଗାନ କରିଥିଲେ। ସଂଘର ୬ ଗୋଟି ପର୍ବ ମଧ୍ୟରୁ ଏହି ମକର ଉତ୍ସବ ଶେଷ ପର୍ବ ବୋଲି ବକ୍ତାମାନେ ମତପୋଷଣ କରିଥିଲେ। ମକର ସଂକ୍ରାନ୍ତି ଭାରତର ଏକ ପ୍ରମୁଖ ସାଂସ୍କୃତିକ ଏବଂ ଆଧାତ୍ମିକ ପର୍ବ ବୋଲି ସଂଘ କର୍ମକର୍ତ୍ତା ବାବୁଭାଇ ବଜରଙ୍ଗୀ କହିଥିଲେ। କାର୍ଯ୍ୟକ୍ରମରେ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଆସନାରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ଦାବି

କୁନ୍ଦୁରା, ୧୫।୧ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତର ଶତାଧିକ ଲୋକେ ଗୁରୁବାର କୁନ୍ଦୁରା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଆସନାରେ ନିର୍ମାଣ ଦାବି କରିଥିଲେ। ସପ୍ତାହକ ମଧ୍ୟରେ ସମସ୍ୟା ସମାଧାନ ନ ହେଲେ ଅପ୍ରୀତିକର ପରିସ୍ଥିତି ହେବ ବୋଲି ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି। ସେମାନେ କୁନ୍ଦୁରା ବିଡିଓ, ତହସିଲଦାର, କୁନ୍ଦୁରା ଥାନାଧିକାରୀଙ୍କୁ ଦାବିପତ୍ର ଦେଇଛନ୍ତି।

ଆସନା ପଞ୍ଚାୟତରେ ଆସନା ନାମକ ଏକ ଗ୍ରାମ ରହିଛି। ସେହି ଗ୍ରାମକୁ ଭିତ୍ତି କରି ଆସନା ପଞ୍ଚାୟତ ନାମିତ ହୋଇଛି। କିନ୍ତୁ ପରିତାପର ବିଷୟ ଦୀର୍ଘ ବର୍ଷ ହେବ ଆସନା ପଞ୍ଚାୟତ କାର୍ଯ୍ୟାଳୟ ଏବଂ ଅନ୍ୟ ସରକାରୀ ବେସରକାରୀ କାର୍ଯ୍ୟାଳୟଗୁଡିକ ଆସନା ପଞ୍ଚାୟତ ଦର୍ଶାଇ ଉଦଲଗୁଡ଼ା ଗ୍ରାମରେ କାର୍ଯ୍ୟକ୍ଷମ ହୋଇ ଚାଲିଛି। ବର୍ତ୍ତମାନ ସରକାରୀ ନିର୍ଦ୍ଦେଶ ଅନୁସାରେ ଆସନା ପଞ୍ଚାୟତ ପାଇଁ ଏକ ନୂତନ ପଞ୍ଚାୟତ ଭବନ ନିର୍ମାଣ ହେବାର ଅଛି। ଏହି ନୂତନ ପଞ୍ଚାୟତ ଭବନ ଆସନା ଗ୍ରାମରେ ନିର୍ମାଣ କରାଯିବା ପାଇଁ ପଞ୍ଚାୟତବାସୀ ଡିସେମ୍ବର ୨ରେ କୁନ୍ଦୁରା ବିଡିଓ ଏବଂ ଆସନା ଗ୍ରାମରେ ଜାଗା ଚିହ୍ନଟ ପାଇଁ କୁନ୍ଦୁରା ତହସିଲଦାରଙ୍କୁ ଦାବିପତ୍ର ଦେଇଥିଲେ। ବିଡିଓଙ୍କ ପରାମର୍ଶକ୍ରମେ ଆସନା ସରପଞ୍ଚ ଏବଂ ସମିତି ସଭ୍ୟଙ୍କୁ ଭେଟି ପଞ୍ଚାୟତବାସୀ ଲିଖିତ ନିବେଦନ କରିଥିଲେ। ଏହାପରେ ୧୨ ତାରିଖରେ ବ୍ଲକ ଏଏଇ, ଜେଇ,ରାଜସ୍ୱ ନିରୀକ୍ଷକ ଏବଂ ପିଇଓ ମିଶି ଆସନା ଗ୍ରାମରେ ନୂତନ ପଞ୍ଚାୟତ ଭବନ ପାଇଁ ଜାଗା ଚିହ୍ନଟ କରିଥିଲେ। ଏହାର ଦିନକ ପରେ ପୁଣି ୧୩ ତାରିଖରେ ରାଜସ୍ୱ ନିରୀକ୍ଷକ ଉଦଲଗୁଡ଼ା ଗ୍ରାମରେ ଯାଇ ନୂତନ ପଞ୍ଚାୟତ ଭବନ ନିର୍ମାଣ ପାଇଁ ଜାଗା ଚିହ୍ନଟ କରିଥିଲେ। ଏହାକୁ ଆସନା ପଞ୍ଚାୟତବାସୀ ନିନ୍ଦା କରିଥିବା କହିଛନ୍ତି। ଦାବିକୁ ଅଣଦେଖା କରାଗଲେ ପଞ୍ଚାୟତର ସମସ୍ତେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆସନା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।


ବିଡିଓ ପି.ମନସ୍ୱିତା ଦାବିପତ୍ର ଗ୍ରହଣ କରୁଛନ୍ତି।

# ଅଦା କିଲୋ ୨୦ରୁ ୨୨ ଟଙ୍କା

**ଦୁର୍ବଳ ବଜାରୀକରଣ ବ୍ୟବସ୍ଥା ଯୋଗୁ ଅମଳ ଖର୍ଚ୍ଚ ଭରଣା ଚିନ୍ତାରେ ଚାଷୀ**

ନନ୍ଦପୁର, ୧୫।୧ (ତୁଷାର କାନ୍ତ ମହାନ୍ତି)



କୋରାପୁଟ ଜିଲାର ଏକକ ଚାଷ ମାନ୍ୟତା ପାଇଥିବା ଅଦା ଉତ୍ପାଦନ ପରେ ଦୁର୍ବଳ ବଜାରୀକରଣ ବ୍ୟବସ୍ଥାର ଶିକାର ହୋଇ ଚାଷୀଙ୍କୁ ଉଚିତ ମୂଲ୍ୟ ମିଳୁନଥିବା ଅଭିଯୋଗ ହୋଇଛି। ୨୦୨୫-୨୬ରେ ଜିଲାର ୧୪ ବ୍ଲକରେ ସମୁଦାୟ ୪,୨୨୩ ହେକ୍ଟର ଜମିରେ ଅଦାଚାଷ ହୋଇଥିଲା। ଉତ୍ପାଦନ ୫୮,୧୨୧ ମେଟ୍ରିକ୍ ଟନ୍ ହେବ ବୋଲି ଜିଲା ଉଦ୍ୟାନ ବିଭାଗ ପକ୍ଷରୁ ଆକଳନ କରାଯାଇଛି। କିନ୍ତୁ ୨୦% ବିହନ ପାଇଁ ରଖି ବଳକା ଉତ୍ପାଦ ଚାଷୀ କାହାକୁ ଓ କେଉଁ ଦରରେ ବିକ୍ରି କରିବ ପ୍ରଶାସନ ପକ୍ଷରୁ କିଛି ସ୍ଥିର କରାଯାଇନି। ତେଣୁ ବର୍ତ୍ତମାନ ସ୍ଥାନୀୟ ବଜାରରେ ଚାଷୀ ଅଦା କିଲୋ ପିଛା ୨୦ରୁ ୨୨ ଟଙ୍କା ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଥିବା କହିଛନ୍ତି, ଯାହା ଚାଷରେ ହୋଇଥିବା ଖର୍ଚ୍ଚ ଭରଣା କରି ପାରୁନଥିବା ଚାଷୀ ଦୁଃଖର ସହ କହିଛନ୍ତି। ଏଥିସହ ରାଜସ୍ୱ କମ୍ ଆଦାୟ ହେଉଥିବା ବିଶେଷଜ୍ଞମାନେ କହିଛନ୍ତି। କୋରାପୁଟ ଜିଲା ପ୍ରଶାସନ, ଉଦ୍ୟାନ ବିଭାଗ ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀ ଓ ସ୍ଥାନୀୟ ବୁଦ୍ଧିଜୀବୀ ଅନୁରୋଧ କରିଛନ୍ତି।

ଜିଲା ଉଦ୍ୟାନ ଉପନିର୍ଦ୍ଦେଶକ ସୁଦାମ ବିଶ୍ୱାଳଙ୍କ ସୂଚନା ମୁତାବକ ୨୦୨୫-୨୬ ଖରିଫ ଋତୁରେ ନନ୍ଦପୁର ବ୍ଲକରେ ୮୭୫, ଲମତାପୁଟରେ ୩୬୮, ସେମିଳିଗୁଡ଼ାରେ ୮୮୭, ପଟ୍ଟାଙ୍ଗିରେ ୧୧୮୫, ନାରାୟଣପାଟଣାରେ ୨୦, ଲକ୍ଷ୍ମୀପୁର ୧୧୦, ଦଶମନ୍ତପୁର ୨୧୫, ବନ୍ଧୁଗାଁ ୨୭, କୋରାପୁଟ ୧୫୦, ବୋରିଗୁମ୍ମା ୭୮, କୋଟପାଡ଼ ୮୪, କୁନ୍ଦୁରା ୮୨, ବୈପାରିଗୁଡ଼ା ୬୯, ଜୟପୁର ବ୍ଲକରେ ୭୧ ହେକ୍ଟର ଜମିରେ ଅଦାଚାଷ ହୋଇଛି। ସମୁଦାୟ ୫୮,୧୨୧ ମେଟ୍ରିକ୍ ଟନ୍ ଅଦା ଉତ୍ପାଦନ ହେବ ବୋଲି ଆକଳନ କରାଯାଉଥିବା ବିଶ୍ୱାଳ ସୂଚନା ଦେଇଛନ୍ତି। ଜିଲାର ୧୦ ବ୍ଲକରେ ବିଭିନ୍ନ ଚାଷ ଉତ୍ପାଦ କିଣାବିକା କରିବାକୁ ୫୪ ଗୋଟି ଏଫ୍‌ପିସି (କୃଷି ଉତ୍ପାଦ କମ୍ପାନୀ) କାର୍ଯ୍ୟରତ ଅଛନ୍ତି। ଅଦା କିଣାବିକା ପାଇଁ ୨୪ ଏଫ୍‌ପିସି ରହିଛନ୍ତି। ନାରୀଶକ୍ତି ଏଫ୍‌ପିସି ନାବାର୍ଡ ସହାୟତାରେ ଜିଲାରେ ଅଦା କିଣାବିକା କରୁଛନ୍ତି। ପଞ୍ଚାୟତିରାଜ ବିଭାଗ ଅଧୀନରେ ଥାଇ ଓରମାସ୍ ମଧ୍ୟ କୃଷି ଉତ୍ପାଦ କିଣାବିକାରେ ଜଡ଼ିତ ରହିଛି। ପ୍ରଗତି ଓ ପ୍ରଦାନ ଭଳି ଏକାଧିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚାଷୀ ଉତ୍ପାଦ କିଣାବିକାରେ ସହଯୋଗ କରୁଛନ୍ତି। ଚଳିତବର୍ଷ ନାରୀଶକ୍ତି ଏଫ୍‌ପିସି ୫୦୦ ମେଟ୍ରିକ୍ ଟନ୍ ଅଦା କିଣିବା ଲକ୍ଷ୍ୟ ରଖି ବର୍ତ୍ତମାନ ସୁଦ୍ଧା ୧୮୦ ମେଟ୍ରିକ୍ ଟନ୍ ଅଦା କିଣିଛି। ପ୍ରଗତି ଧାର୍ଯ୍ୟଲକ୍ଷ୍ୟ ୬୦ ମେଟ୍ରିକ୍ ଟନ୍ ଅଦା କିଣିସାରିଛି। ଆଇଟିସି ୨୦୦ ମେଟ୍ରିକ୍ ଟନ୍ ଅଦା କିଣିବା ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୦୦ ମେଟ୍ରିକ୍ ଟନ୍ ଅଦା କିଣିଥିବା ସୂଚନା ମିଳିଛି। ବଳକା ଏଫ୍‌ପିସିଙ୍କ ନିକଟରେ ମୂଳଧନ କମ୍‌ଥିବାରୁ ସେମାନଙ୍କ ଅଦା କିଣାବିକା ଧୀରେ ଚାଲିଥିବା ଶୁଣିବାକୁ ମିଳୁଛି, ଯାହା ଚାଷୀଙ୍କ ଅସନ୍ତୋଷ ବଢ଼ାଇଛି। ବଳକା ଅଦା କାହାକୁ କେଉଁ ଦରରେ ବିକିବେ ବୋଲି ଚିନ୍ତାରେ ଥିବା କହିଛନ୍ତି। ବାହାର ରାଜ୍ୟର ବେପାରୀ ଦୁର୍ବଳ ବଜାରୀକରଣ ବ୍ୟବସ୍ଥାର ଫାଇଦା ଉଠାଇ ଶାଗମାଛ ଦରରେ ମୂଲଚାଲ କରୁଛନ୍ତି। ଅଭାବୀ ଚାଷୀ ସେମାନଙ୍କୁ କମ୍ ଦରରେ ଅଦା ବିକ୍ରି କରିବାକୁ ବାଧ୍ୟ ହେଉଥିବା କହିଛନ୍ତି।

ମିଶନ ଶକ୍ତି ଅଧୀନରେ ୨୫ ହଜାରରୁ ଊର୍ଦ୍ଧ୍ୱ ଏସ୍‌ଏଚ୍‌ଜି ଥିବାବେଳେ ବିଭାଗ ପରିଚାଳିତ ମାତ୍ର ୪ଟି ଅଦା ପ୍ରକ୍ରିୟାକରଣ କେନ୍ଦ୍ର ନନ୍ଦପୁର, ଲମତାପୁଟ, ସେମିଳିଗୁଡ଼ା ଓ ପଟାଙ୍ଗି ବ୍ଲକରେ ରହିଛି। ପ୍ରତ୍ୟେକ ବ୍ଲକରେ ଅଦାର ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ, ଏଫ୍‌ପିସିଙ୍କ ନିକଟରେ ଚାଷୀ ଉତ୍ପାଦ କିଣାବିକା ନିମନ୍ତେ ଅର୍ଥର ଅଭାବ ଯେପରି ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଏଠାରେ ଉତ୍ପାଦିତ ଅଦାର ମାନ ଯେପରି ଆନ୍ତର୍ଜାତିକସ୍ତରର ହୋଇପାରିବ, ସେଥିପ୍ରତି ଗବେଷକ ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଇଛି।

